୨୬ ନଭେମ୍ବର -୨ ଡିସେମ୍ବର, ୨୦୨୩

ରବିବାର ସିନ୍ଦୁର
ସକାଳ
THE SAKALA

- ସଂସ୍କୃତିର ଅବକ୍ଷୟ
- ହଜିଲା ସଂସ୍କୃତିକୁ ଖୋଜିବା ଚାଲ
- ଆଧୁନିକତାର ରଙ୍ଗରେ ଆମ ସଂସ୍କୃତି
- ପରିଧାନରେ ପାଶ୍ଚାତ୍ୟ ଶୈଳୀ
- ଆମେ ଆଉ ଆମର ନୋହୁ
- ବଦଳୁଛି ବାହାଘର ପରିଭାଷା



# ଅନୁକରଣ ନା ହନୁକରଣ !



ବଦଳି ଯାଇଛି ସମୟ। ସମୟ ସହିତ ବଦଳିଛି ଯୁବପିଢ଼ିଙ୍କ ମାନସିକତା। ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ନିଜ ଗୌରବମୟ ସଂସ୍କୃତି, ପରମ୍ପରାକୁ ଭୁଲିବାରେ ଲାଗିଛନ୍ତି ଆଜିର ଯୁବବର୍ଗ। ଶିକ୍ଷା, ସାମାଜିକ ଚାଲିଚଳଣି, ଖାଦ୍ୟ, ରୁଚି, ପୋଷାକ, ମନୋରଞ୍ଜନ ସବୁକ୍ଷେତ୍ରରେ ପଡ଼ିଛି ପାଶ୍ଚାତ୍ୟ ସଂସ୍କୃତିର ଛାପ। କେତେକ ବିଦେଶୀୟ ଦିବସ ମଧ୍ୟ ବେଶ୍ ଜାକଜମକରେ ପାଳନ କରାଯାଉଛି, ହେଲେ ଭାଗବତ ଟୁଙ୍ଗିରେ ଆଉ ହେଉ ନାହିଁ ଭାଗବତ ପାଠ। ମନ୍ଦିରରେ ଘଣ୍ଟର ସ୍ଥାନ ନେଇଛି ବୈଦ୍ୟୁତିକ ଘଣ୍ଟା। ସେପଟେ ପୋଷାକ ପରିଧାନରେ ଦେଖିବାକୁ ମିଳିଛି ଉଗ୍ର ଆଧୁନିକତା। ନୂଆ, ଚମକଦାର, ଖଦିର ସ୍ଥାନ ନେଇଛି ଚିରାଫଟା ଜିନ୍ସ ଏବଂ ଅର୍ଦ୍ଧନଗ୍ନ ପୋଷାକ । ଶାଢ଼ି ପରିବର୍ତ୍ତେ ପାଶ୍ଚାତ୍ୟ ସଂସ୍କୃତିର ପରିଧାନ ବିଶେଷ ଭାବେ ମହିଳାଙ୍କ କ୍ଷେତ୍ରରେ ବେଶ୍ ଆଦୃତ ହେଉଛି। ସୌନ୍ଦର୍ଯ୍ୟବର୍ଦ୍ଧକ ହଳଦୀ, ଚନ୍ଦନର ସ୍ଥାନ ନେଇଛି ବହୁଦେଶୀୟ କମ୍ପାନୀର ଦାମୀ ପ୍ରସାଧନ ସାମଗ୍ରୀ। ପାରମ୍ପରିକ ଗହଣା ବଦଳରେ ମହିଳାଙ୍କ ପସନ୍ଦ ସାଜିଛି ଇଭିଲ୍ ଆଏ ପରି ବିଦେଶୀୟ ଗହଣା। ଖାଦ୍ୟ କ୍ଷେତ୍ରରେ ପିଠାପଣାର ସ୍ଥାନ ନେଇଛି ମୋମୋ, ପିଜା, ବର୍ଗର ଭଳି ବିଭିନ୍ନ ଜଙ୍କ୍‌ଫୁଡ୍ ।

ହଜି ଯାଉଛି ପାଲା, ଦାସକାଠିଆ, ଯାତ୍ରା, କଣ୍ଢେଇ ନାଚ ଆଦି ପାରମ୍ପରିକ ଲୋକସଂସ୍କୃତି। ଏବେ କିନ୍ତୁ ସମସ୍ତଙ୍କ ହାତରେ ରହିଛି ମୋବାଇଲ୍, ଯେଉଁଥିରେ ଏବେ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ଲାଟଫର୍ମ ଅଛି। ଶିକ୍ଷା କ୍ଷେତ୍ରରେ ଆସିଛି ବଡ଼ ଧରଣର ପରିବର୍ତ୍ତନ। ପିଲା ହୁଅନ୍ତୁ କି ଯୁବଗୋଷ୍ଠୀ, ଶିକ୍ଷାନୁଷ୍ଠାନକୁ ନ ଯାଇ ଅନ୍‌ଲାଇନ୍ ମାଧ୍ୟମରେ ଘରେ ବସି ଶିକ୍ଷା ଗ୍ରହଣ କରିପାରୁଛନ୍ତି। ଏସବୁ ଯେତିକି ସୁବିଧା ଦେଇଛି, ସେତିକି ନିଜ ସଂସ୍କୃତିରୁ ଦୂରେଇ ମଧ୍ୟ ନେଉଛି। କାରଣ ଗୁରୁକୁଳ ଶିକ୍ଷା ଏବଂ ଗୁରୁଶିଷ୍ୟ ପରମ୍ପରାରେ ଧୀରେ ଧୀରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଆମ ସଂସ୍କୃତିରେ ପ୍ରଚଳିତ ବିଭିନ୍ନ ପର୍ବପର୍ବାଣିର ମହତ୍ତ୍ୱ ଏବେ ପ୍ରାୟ ସମସ୍ତଙ୍କୁ ଅଜଣା। କେଉଁ ମାସରେ କେଉଁ ପର୍ବ ପାଳନ ହେଉଛି, ତାହାର ଉତ୍ତର ହୁଏତ ବହୁତ କମ୍ ଲୋକ ଜାଣିଥିବେ। କିନ୍ତୁ ଭାଲେଣ୍ଟାଇନ୍ ଡେ', ଫ୍ରେଣ୍ଡସିପ୍ ଡେ' ଭଳି ବିଦେଶୀୟ ଦିବସର ତାରିଖ ଏବେ ସମସ୍ତଙ୍କ ମନେ ଅଛି। ବିବାହ ବ୍ରତାଦିରେ ମଧ୍ୟ ଦେଖାଯାଇଛି ଅନେକ ପରିବର୍ତ୍ତନ। ଗୁଆ ନିମନ୍ତ୍ରଣର ମାଧ୍ୟମ ସାଜିଛି ହ୍ୱାଟ୍ସଆପ୍। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ପ୍ରାୟ ସମସ୍ତେ ହୋଇଯାଇଛନ୍ତି ଜଣେ ଜଣେ ଯନ୍ତ୍ରମାନବ।

ଅନ୍ୟ ପକ୍ଷରେ ବିଦେଶୀମାନେ ଆମର ସଂସ୍କୃତି, ପରମ୍ପରା, ପରିଧାନ, ପର୍ବପର୍ବାଣିକୁ ଆପଣାଇ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜର କରିବାରେ ଲାଗିଛନ୍ତି। ଏବେ ଆମେ ଅନ୍ୟ ସଂସ୍କୃତିକୁ ଅନୁକରଣ କରୁଛୁ ନା ନିଜ ପରମ୍ପରା ଓ ସଂସ୍କୃତିର ହନୁକରଣ କରୁଛୁ! ଆଧୁନିକତାର ପ୍ରଭାବରେ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ପାଇଁ ଦିନେ ଆମ ସଂସ୍କୃତି କେଉଁଠି ହଜିଯିବ, ତାହା ଅନୁମାନ କରି ହେଉଛି। ତେବେ ଯୁବପିଢ଼ି କେତେ ପାଶ୍ଚାତ୍ୟମନସ୍କ, ଏହାର କୁପରିଣତି, ଅବକ୍ଷୟମୁଖୀ ସଂସ୍କୃତି ଓ ପରମ୍ପରାକୁ ରୋକିବା ଦିଗରେ କ'ଣ ସବୁ ପ୍ରୟାସ କରାଯିବା ଉଚିତ, ସେସବୁକୁ ନେଇ ଏଥର ସିନ୍ଦୂରାର ସ୍ୱତନ୍ତ୍ର ପ୍ରତିବେଦନ – **'ଅନୁକରଣ ନା ହନୁକରଣ !'**

**ପ୍ରସ୍ତୁତି: 'ସକାଳ' ବ୍ୟୁରୋ**



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ,ମଙ୍ଗଳବାରରେ ନୂତନ ଉଦ୍ୟମ କରି ସଫଳତା ପାଇବେ। ଧୈର୍ଯ୍ୟର ସହ କାର୍ଯ୍ୟ କଲେ ଫଳପ୍ରାପ୍ତି ହେବ।ବୁଧବାରରେ ଆର୍ଥିକସ୍ଥିତି ମଜଭୁତ ରହିବ। ଶୁକ୍ର,ଶନିବାରରେ ଉଚ୍ଚ ଅଧିକାରୀଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ପାରିବାରିକ ଜୀବନରେ ସମସ୍ୟା ଦେଖାଦେଇ ପାରେ।

**ବୃଷ**
ରବି, ସୋମ,ମଙ୍ଗଳବାରରେ ଦୀର୍ଘ ଦିନର ଯୋଜନା ଫଳପ୍ରଦ ହେବ। ନୂତନ ନିବେଶ କରିପାରନ୍ତି। ବୁଧବାରରେ ମନ କଥା ଜୀବନସାଥୀଙ୍କୁ କହି ସନ୍ତୋଷ ଅନୁଭବ କରିବେ। ଶୁକ୍ର,ଶନିବାରରେ ଛାତ୍ରଛାତ୍ରୀମାନଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ। ଦାମ୍ପତ୍ୟ ଜୀବନ ସୁଖକର ହେବ।

**ମିଥୁନ**
ରବି, ସୋମ,ମଙ୍ଗଳବାରରେ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି। ତରବରିଆ ଭାବରେ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଧବାରରେ ଭାଇଭଉଣୀଙ୍କ ମଧ୍ୟରେ ମତଭେଦ ଦେଖାଦେଇପାରେ। ଶୁକ୍ର,ଶନିବାରରେ ଛାତ୍ରଛାତ୍ରୀ ଲେଖାପଢ଼ାରେ ଅବହେଳା କରିବେ। କାର୍ଯ୍ୟଭାର ଅଧିକ ରହିବାରୁ ବିରକ୍ତିଭାବ ଆସିପାରେ।

**କର୍କଟ**
ରବି, ସୋମ,ମଙ୍ଗଳବାରରେ ଆଧ୍ୟାତ୍ମିକ ଚିନ୍ତାରେ ଦିନଟି କଟିବ। କର୍ମକ୍ଷେତ୍ରରେ କଠିନ ପରିଶ୍ରମ କରିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ବୁଧବାରରେ ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ। ପାରିବାରିକ ଜୀବନରେ ଅସ୍ଥିରତା ଦେଖାଦେଇପାରେ। ଶୁକ୍ର,ଶନିବାରରେ ଅଯଥା ମାମଲାରେ ଫସି ଯାଇପାରନ୍ତି।

**ସିଂହ**
ରବି, ସୋମ,ମଙ୍ଗଳବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ବ୍ୟବସାୟରେ ଉନ୍ନତି ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ। ବୁଧବାରରେ କର୍ମକ୍ଷେତ୍ରରେ ଆଗୁଆ ରହିବେ। ଶୁକ୍ର,ଶନିବାରରେ ଭାବିଚିନ୍ତି କାର୍ଯ୍ୟ କରନ୍ତୁ। ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କନ୍ୟା**
ରବି, ସୋମ,ମଙ୍ଗଳବାରରେ ପରିବାର ସଦସ୍ୟଙ୍କ ସହ ଭଲରେ ସମୟ କଟିବ। ଆଳସ୍ୟ ଅନୁଭବ କରିବେ। ବୁଧବାରରେ ଆର୍ଥିକ କାରବାର ସମୟରେ ସର୍ତ୍ତକତା ଅବଲମ୍ବନ କରନ୍ତୁ। ଶୁକ୍ର,ଶନିବାରରେ ମହିଳାମାନେ ଆଶାବାଦୀ ହେବେ। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ।

**ତୁଳା**
ରବି, ସୋମ,ମଙ୍ଗଳବାରରେ ଦେହ ଓ ମନ ଭଲ ରହିବ। ବେପାର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ପୂର୍ଣ୍ଣ ହେବ। ବୁଧବାରରେ ନୂତନ ନିଯୁକ୍ତି ସୁଯୋଗ ପାଇବେ। ଶୁକ୍ର,ଶନିବାରରେ ସହକର୍ମୀଙ୍କ ସହଯୋଗ ପାଇବେ। ଭ୍ରମଣଯୋଗ ରହିଛି।

**ବିଛା**
ରବି, ସୋମ,ମଙ୍ଗଳବାରରେ ନୂତନ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ପରିଶ୍ରମର ଫଳ ପାଇବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇପାରନ୍ତି। ବୁଧବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁ ରୂପରେ ତୁଲାଇବେ। ଶୁକ୍ର,ଶନିବାରରେ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ବହୁ ଦିନର ସ୍ୱପ୍ନ ପୂରଣ ହେବ।

**ଧନୁ**
ରବି, ସୋମ,ମଙ୍ଗଳବାରରେ କାର୍ଯ୍ୟରେ ସୁଧାର ଆସିବ। ପ୍ରିୟଜନଙ୍କ ସହ ଭେଟ ହୋଇପାରେ । ସହକର୍ମୀଙ୍କ ସହ ତିକ୍ତତା ହୋଇପାରେ। ବୁଧବାରରେ ଅଯଥା ଖର୍ଚ୍ଚ କରନ୍ତୁ ନାହିଁ। ଶୁକ୍ର,ଶନିବାରରେ ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ।

**ମକର**
ରବି, ସୋମ,ମଙ୍ଗଳବାରରେ କୌଣସି ନିଷ୍ପତ୍ତି ନେବା ସମୟରେ ଦ୍ୱନ୍ଦ୍ୱରେ ପଡ଼ିଯାଇପାରନ୍ତି। ଭାବନା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୁଧବାରରେ ଶତ୍ରୁମାନଙ୍କ କୂଟଚକ୍ରର ଶିକାର ହୋଇପାରନ୍ତି। ଶୁକ୍ର,ଶନିବାରରେ ଧର୍ମକାର୍ଯ୍ୟରେ ସମୟ କଟାଇବେ । ପରିବାରରେ ମନୋମାଳିନ୍ୟ ଦେଖା ଦେଇପାରେ।

**କୁମ୍ଭ**
ରବି, ସୋମ,ମଙ୍ଗଳବାରରେ ବରିଷ୍ଠ ବ୍ୟକ୍ତିଙ୍କର ସହଯୋଗ ପାଇବେ। ବ୍ୟବସାୟରେ ଉତ୍ତମ ଲାଭ ହେବ। ବୁଧବାରରେ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ। ଜୀବନସାଥୀଙ୍କଠାରୁ ଯଥେଷ୍ଟ ସମ୍ମାନ ପାଇବେ। ଶୁକ୍ର,ଶନିବାରରେ କୌଣସି କଥାକୁ ନେଇ ମାନସିକ ଅବସାଦରେ ରହିପାରନ୍ତି।

**ମୀନ**
ରବି, ସୋମ,ମଙ୍ଗଳବାରରେ କର୍ମକ୍ଷେତ୍ରରେ ସଫଳତା ପାଇବେ। ବେପାରୀମାନଙ୍କ ପାଇଁ ଦିନଟି ଉତ୍ତମ ରହିବ। ବୁଧବାରରେ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଛାତ୍ରଛାତ୍ରୀ ସଫଳତା ପାଇବେ। ଶୁକ୍ର,ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନରେ ତର୍କବିତର୍କ ଦେଖାଦେଇ ପାରେ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ସଂସ୍କୃତିର ଅବକ୍ଷୟ



ଡକ୍ଟର ଅଭିମନ୍ୟୁ ବରାଳ

ପୁଣ୍ୟଭୂମି ଭାରତବର୍ଷ ଏକ ସଂସ୍କୃତି ସମ୍ପନ୍ନ ଦେଶ। ଏଠାରେ ବେଶ, ପୋଷାକ, ଭାଷାର ଭିନ୍ନତା ଥିଲେ ମଧ, ଏମାନେ ସମସ୍ତେ ଏହି ମହାଭାରତୀୟ ମହାନ୍ ସଂସ୍କୃତିରେ ଅନୁବନ୍ଧିତ ଏବଂ ଏହି ନୀତିରେ ଅନୁପ୍ରାଣିତ। ତନ୍ମଧ୍ୟରୁ ଆମ ବାସଭୂମି ଓଡ଼ିଶା ମଧ ସେହି ମହାନ୍ ସଂସ୍କୃତିର ଅଂଶବିଶେଷ। କାରଣ ଉତ୍କଳମାତା ଭାରତ ମାତାଙ୍କର କନିଷ୍ଠା ଭଗ୍ନୀ। ଓଡ଼ିଶାର ଗୌରବ ବର୍ଣ୍ଣନା କରିବାକୁ ଯାଇ ଭାରତୀୟ ପୁରାଣ ଶାସ୍ତ୍ର ଶତମୁଖର ହୋଇ ଉଠିଛନ୍ତି। ଏହି ମର୍ମରେ 'ପଦ୍ମପୁରାଣ' କହିଛନ୍ତି –

**"ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନାଂ ଉତ୍କଳ ସ୍ମୃତମ୍।**
**ଉତ୍କଳସ୍ୟ ସମୋଦେଶଃ, କୁତ୍ରନାସ୍ତି ମହୀତଳେ।।"**

ପ୍ରାଚୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଶିକ୍ଷା ସଙ୍ଗୀତାଦିର ପୂର୍ବ ଗୌରବ ଆଉ ନାହିଁ। ସ୍ୱାଧୀନତା ପ୍ରାପ୍ତି ପରେ ପରେ ସବୁ ଯେପରି ବିଲୁପ୍ତ ହୋଇଯାଇଛି। ଓଡ଼ିଶାର ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତି, ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ। ଶ୍ରୀ ଜଗନ୍ନାଥଙ୍କୁ ବାଦ୍ ଦେଇ ଓଡ଼ିଶାର ବୈଶିଷ୍ଟ୍ୟ କିଛି ନାହିଁ। କାରଣ ଜଗନ୍ନାଥ ହିଁ ଓଡ଼ିଶାର ପରିଚୟ। ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ଗର୍ବ ଗୌରବର ମହାମଣ୍ଡପ। ଏହି ମର୍ମରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯଥାର୍ଥରେ କହିଛନ୍ତି –

**"ଧନ୍ୟରେ ଶ୍ରୀକ୍ଷେତ୍ର ତୋର ବଡ଼ପଣ, ଉତ୍କଳମାତାର ତୁହି ଗଣ୍ଠିଧନ।**
**ତୋ ଲାଗି ଉତ୍କଳ ବିଖ୍ୟାତ ଜଗତେ, ନୋହିଲେ ତ ରହି ଥାଆନ୍ତା ଗୁପତେ ।"**

ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା ସବୁ ଶ୍ରୀମନ୍ଦିର ସହିତ ଜଡ଼ିତ। ଶ୍ରୀମନ୍ଦିରରେ ପାଳିତ ସମସ୍ତ ପର୍ବକୁ ଓଡ଼ିଆମାନେ ସ୍ୱଗୃହରେ ପାଳନ କରିଥା'ନ୍ତି। କିନ୍ତୁ ଏବେ ଆମ ସାମାଜିକ ଜୀବନ ଓ ଚଳଣିରେ ଅନେକ ବ୍ୟତିକ୍ରମ ପରିଦୃଷ୍ଟ।

## ଲିଭ୍ ଇନ୍ ରିଲେସନ୍

ଆମ ସାମାଜିକ ଜୀବନ ଅତ୍ୟନ୍ତ ଶୃଙ୍ଖଳିତ। ସାମାଜିକ ଜୀବନରେ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ। ଦୁଇଟି ଆତ୍ମାର ମିଳନ ଓ ମହାବସ୍ଥାନର ସୂତ୍ରଧର ବିବାହ। ଏହା ଏକ ପବିତ୍ର ଓ ନୈସର୍ଗିକ କାର୍ଯ୍ୟ। ପିତାମାତା କନ୍ୟା ବା ବରକୁ ନିର୍ବାଚନ କରନ୍ତି। ବର-କନ୍ୟା କେହି କାହାକୁ ଦେଖିବାର ସୁଯୋଗ ନଥାଏ। 'ପିତୃଦତ୍ତ କନ୍ୟା ଆଉ ରାଜଦତ୍ତ ଭୂମି' ଭାବରେ କନ୍ୟା ବା ବର ଏହାକୁ ଅଙ୍ଗିକାର କରନ୍ତି। ତାଙ୍କର ପ୍ରଥମ ମିଳନ ହୁଏ ବାସର ରାତିରେ। ସେହିଦିନ ପରସ୍ପରକୁ ଦେଖନ୍ତି। ଦୁଇଟି ନୀଡ଼ହୀନ ଯୁଗ୍ମପକ୍ଷୀ ବସା ବାନ୍ଧନ୍ତି ଜୀବନସାରା। କେହି କାହାକୁ ଛାଡ଼ି ପାରନ୍ତି ନାହିଁ। ବିବାହ ବନ୍ଧନର ଗଣ୍ଠି ଅତି ନିବିଡ଼। ସେ ଗଣ୍ଠି ଥରେ ପଡ଼ିଲେ ଆଉ ଫିଟେ ନାହିଁ।

ଏବେ କିନ୍ତୁ ବିବାହକୁ ଏକ ଖେଳ ଘର ପରି ପୁଅଝିଅ ବିବେଚନା କରୁଛନ୍ତି। ପରସ୍ପରକୁ ଦେଖିଚାହିଁ ବିବାହ କରିବା ପରେ ମଧ ଅଳ୍ପଦିନରେ ଛାଡ଼ପତ୍ର ଦେବା ନେବା ହୋଇଯାଉଛି। ଆଉ କେତେକ କ୍ଷେତ୍ରରେ ପୁଅଝିଅ କିଛିଦିନ ଏକତ୍ର ରହିବା ପରେ ବିବାହ କରୁଛନ୍ତି। ଯାହାକୁ କୁହାଯାଉଛି "ଲିଭ୍ ଇନ୍ ରିଲେସନ୍ ସିପ୍"। ଏଭଳି ଦାମ୍ପତ୍ୟ ଜୀବନ କିପରି ସୁଖମୟ ହେବ? ଏ ବିବାହ ଅବଶ୍ୟ କ୍ଷଣସ୍ଥାୟୀ। ଏ ବିବାହ ବୈଦିକ ରୀତିରେ ହୋଇନଥାଏ। କୌଣସି ସ୍ଥାନରେ ମାଳା ବିନିମୟ କିମ୍ବା ବିବାହ ମହାପ୍ରବନ୍ଧକଙ୍କ ପାଖରେ ଆଇନଗତ ବିବାହ। ଏଥିରେ ଜାତି, ଗୋତ୍ର, ଜାତକ ମେଳକ କିଛି ଆବଶ୍ୟକ ହୁଏ ନାହିଁ।



## ପାଶ୍ଚାତ୍ୟ ପରିଧାନ

ଅତୀତରେ ଆମର ପରିଧାନ ଥିଲା ଅତ୍ୟନ୍ତ ମାର୍ଜିତ, ଶାଳୀନ ଏବଂ ରୁଚିସଂପନ୍ନ। ବିବାହିତା ମହିଳାର ବେଶ ପୋଷାକ ଥିଲା ଅତ୍ୟନ୍ତ ରୁଚିସମ୍ପନ୍ନ ଓ ମାର୍ଜିତ। ମୁଣ୍ଡରେ ଅବଗୁଣ୍ଠନ ପକାଇ ଗୁରୁଜନମାନଙ୍କ ସମ୍ମୁଖରେ ଯିବାଟା ତା'ର ମର୍ଯ୍ୟାଦା। କିନ୍ତୁ ଆଜି ସେ ମର୍ଯ୍ୟାଦା ଭୂଲୁଣ୍ଠିତ। ସାଲୱାର ପଞ୍ଜାବୀ ପିନ୍ଧି ମୁଣ୍ଡକୁ ଖୋଲା ରଖି ବୋହୂଟିଏ ଘରେ ପଶୁଛି। ଏହା ଆମ ସାମାଜିକ ବିଧି ବ୍ୟବସ୍ଥାର ଅବକ୍ଷୟ ନୁହେଁ ତ ଆଉ କ'ଣ?



ଶାଢ଼ି ପରିଧାନ କରିବା କେଉଁ ଯୁଗରୁ ଆମ ସଂସ୍କୃତି, ପରିବାର ଓ ପାରମ୍ପରିକ ଆଭିଜାତ୍ୟର ପ୍ରତୀକ। ତାହାର ପ୍ରଚଳନକୁ ଅଣଦେଖା କରିବା କଦାପି ଭଲ ନୁହେଁ। ପାଶ୍ଚାତ୍ୟରେ ଅନେକ ଧନୀ ଦେଶ ଅଛି। ସେମାନେ କିନ୍ତୁ ସଂସ୍କାରୀ ନୁହଁନ୍ତି। ମନୁସ୍ମୃତିରେ ପଶ୍ଚିମ ଦେଶକୁ ମ୍ଳେଚ୍ଛ ଦେଶ ବୋଲି ଅବିହିତ କରିବା ସହିତ ସେମାନଙ୍କୁ ମ୍ଳେଚ୍ଛ ବୋଲି କୁହାଯାଇଛି। ଆଭିଜାତ୍ୟ ନଥାଇ ବିପୁଳ ସମ୍ପତ୍ତିର ଅଧିକାରୀ ହେଲେ ମଣିଷ ସଂସ୍କାର ଗ୍ରହଣ କରିପାରେ ନାହିଁ କିମ୍ବା ସୃଷ୍ଟି କରିପାରେ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିକୁ ଆଭିଜାତ୍ୟ ସହ ସଂସ୍କାର ଦେଇଛନ୍ତି। ତାଙ୍କ ସଂସ୍କାରରେ ଆମେ ଦୁନିଆଁରେ ପରିଚିତ। ଆମେ ଗରିବ ହୋଇପାରୁ, କିନ୍ତୁ ସଂସ୍କାର ହୀନ ନୋହୁ। ଏବେ ଆମ ଆଚରଣ ଓ ବେଶ ପୋଷାକରେ ଆମେ ପାଶ୍ଚାତ୍ୟର ଅନୁକରଣ ବେଶ୍ ପ୍ରତିଫଳିତ।

## ମମି - ଡାଡି ସଂସ୍କୃତି

ଶିକ୍ଷା ସମାଜର ଏକ ମୁଖ୍ୟ ଅଙ୍ଗ । ଶିକ୍ଷା ବିନା ସମାଜ ପଙ୍ଗୁ ହୋଇଯାଏ । ଶିକ୍ଷା ସମାଜର ସୁମୀକ୍ଷା । ଯେଉଁ ଜାତି ଶିକ୍ଷାରେ ଯେତେ ଅଗ୍ରସର ସେ ଜାତି ସେତେ ଉନ୍ନତ । ପ୍ରାଚୀନ ଭାରତର ଶିକ୍ଷା ଥିଲା ଅତ୍ୟନ୍ତ ଉନ୍ନତ । ନାଳନ୍ଦା, ତକ୍ଷଶୀଳା ଭଳି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଦେଶ ବିଦେଶରୁ ଅନେକ ଛାତ୍ରଛାତ୍ରୀ ଆସି ଏଠାରେ ଅଧ୍ୟୟନ କରୁଥିଲେ । ପ୍ରାଚୀନ ଗୁରୁ କୁଳାଶ୍ରମରେ ଛାତ୍ରମାନେ ଅଧ୍ୟୟନ କରି ଶିକ୍ଷା ସମାପ୍ତିପରେ ସୁଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେଠାରେ ବେଦ, ବେଦାନ୍ତ, ସାହିତ୍ୟ, ଦର୍ଶନ, ବ୍ୟାକରଣ, ଜ୍ୟୋତିଷ, ଗଣିତ ପ୍ରଭୃତି ଶିକ୍ଷା ଲାଭ କରିବା ସହିତ ନୈତିକତା, ଚରିତ୍ର ଗଠନ ଓ ବ୍ରହ୍ମଚର୍ଯ୍ୟାଦି ସମ୍ପର୍କରେ ଜ୍ଞାନାର୍ଜନ କରି ଫେରୁଥିଲେ । ପରବର୍ତ୍ତୀ କାଳରେ ମାଟିବଂଶ ଅବଧାନମାନେ ଗ୍ରାମ ଚାଟଶାଳୀରେ ଶିକ୍ଷାଦାନ କରୁଥିଲେ । ଲୀଳାବତୀ ସୂତ୍ର ଠାରୁ ଆରମ୍ଭ କରି କୋଇଲି, ଗୋପୀଭାଷା, ଛାନ୍ଦ, ପ୍ରବନ୍ଧ, ଅମରକୋଷ ପ୍ରଭୃତି ପିଲାମାନେ ଅଧ୍ୟୟନ କରୁଥିଲେ । ଦେଶ ସ୍ୱାଧୀନ ହେବା ପରେ ସରକାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ସେଠାରେ ପିଲାମାନେ ଗଣିତ, ସାହିତ୍ୟ, ଭୂଗୋଳ, ଇତିହାସ, ପ୍ରଭୃତି ବିଷୟରେ ବ୍ୟୁତ୍ପତ୍ତି ଅର୍ଜନ କଲେ । ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେଲେ ।

ଏବେ କିନ୍ତୁ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ହୋଇଯାଇଛି । ମୋଟା ଅଙ୍କର ଅର୍ଥଦେଇ ପିତାମାତାମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଛନ୍ତି । ଯଦ୍ୱାରାକି ସେମାନେ ଆମ ସଂସ୍କୃତିକୁ ଭୁଲିଯାଉଛନ୍ତି । ପିତାମାତାଙ୍କୁ 'ବାପାବୋଉ' ଡାକିବା ପରିବର୍ତ୍ତେ 'ଡାଡିମମି' ସମ୍ବୋଧନ କରୁଛନ୍ତି । ଯାହାକି ଆମ ସଂସ୍କୃତିକୁ ଏକ କଠୋର ଆଘାତ । ଛତୁ ଫୁଟିଲା ଭଳି ଅନେକ ଘରୋଇ ଇଂଜିନିୟରିଂ କଲେଜମାନ ଖୋଲିଯାଇଛି । ସେଠାରେ ମୋଟା ଅଙ୍କର ଅର୍ଥ ଦେଇ ପିଲାମାନେ ନାମ ଲେଖାଉଛନ୍ତି । ସେସବୁ ଚାକିରି କୈନ୍ଦ୍ରିକ ଶିକ୍ଷାନୁଷ୍ଠାନ । ସେଠାରେ ଚରିତ୍ର ଗଠନ ବା ନୈତିକତାର କଥା କିଛି ନାହିଁ । ସମସ୍ତେ କେବଳ ଅର୍ଥ ପଛରେ ଧାବମାନ ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ଥିଲା ଅତ୍ୟନ୍ତ ସମୃଦ୍ଧ । କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, କବି ଦୀନକୃଷ୍ଣ, ବିଦଗ୍ଧ କବି ଅଭିମନ୍ୟୁ, କବିସୂର୍ଯ୍ୟ, ଉତ୍କଳଘଣ୍ଟ ଯଦୁମଣି ପ୍ରଭୃତି- କବିଗଣ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧଶାଳୀ କରିଥିଲେ । ଯାହାଫଳରେ ଭାରତୀୟ ସାହିତ୍ୟରେ ଶ୍ରେଷ୍ଠ ଆର୍ଯ୍ୟଭାଷା ଭାବରେ ଓଡ଼ିଆ ସାହିତ୍ୟ ଶାସ୍ତ୍ରୀୟ ମାନ୍ୟତା ଲାଭକଲା । ଏହା କ'ଣ ଆମ ଓଡ଼ିଆ ସାହିତ୍ୟର ଗୌରବ ନୁହେଁ ? କିନ୍ତୁ ଆଜି କାଲି ଯେଉଁ ସାହିତ୍ୟ ବା କବିତା ସୃଷ୍ଟି ହେଉଛି, ତାହା ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ । ଆଧୁନିକ କବିତାର ମୂଲ୍ୟବୋଧ ।

ସାର୍ବଜନିନ ହୋଇ ପାରୁନାହିଁ । କିନ୍ତୁ ଉପେନ୍ଦ୍ର, ଦୀନକୃଷ୍ଣଙ୍କ କାବ୍ୟରାଜି ଦୁର୍ବୋଧ ହେଲେ ମଧ୍ୟ ତାହାକୁ ସାଧାରଣ ଜନତା ଗ୍ରହଣ କରୁଥିଲେ । ଏବଂ ସେ ଗଣକବିର ଗୌରବ ଅର୍ଜନ କରିଥିଲେ । ତେଣୁ ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ କହିଛନ୍ତି – "ଗାଏ ତବ ଗୀତ ସଭାରେ ପଣ୍ଡିତ

**ପଥେ ପାନ୍ଥ ହୃଷ୍ଟମନା**
**ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା**
**ନୃତ୍ୟରଙ୍ଗେ ବାରଙ୍ଗନା**" । (ଅବକାଶ ଚିନ୍ତା)

ଉପେନ୍ଦ୍ର ଭଞ୍ଜଙ୍କ ବସନ୍ତ ବର୍ଣ୍ଣନା ଶୁଣିଲେ ମନ ଉଲ୍ଲସିତ ହୋଇଯିବ । ଆଉ ଆଧୁନିକ ବସନ୍ତ ବର୍ଣ୍ଣନା – "ବସନ୍ତ ଆସିଛି ଆଜି କୁକୁଡ଼ାର ଦେହେ ଧକ୍କା ଖାଇ" । କିମ୍ବା – "ବସନ୍ତ ହସୁଛି ଏଠି ରାଜଧାନୀ ଝିଅଙ୍କର ସବୁଜ ଶାଢ଼ିରେ" । ଇତ୍ୟାଦି ବର୍ଣ୍ଣନା ସର୍ବଜନ ବୋଧଗମ୍ୟ ନୁହେଁ । ଏଥିରେ କୁଆଡ଼େ ଇଜିମ୍ ଅଛି ବୋଲି ସେମାନେ କୁହନ୍ତି । ଠିକ୍ ସେହିପରି ନାଟକ କ୍ଷେତ୍ରରେ ଗଣକବି ବୈଷ୍ଣବପାଣି, ବାଳକୃଷ୍ଣ ମହାନ୍ତି ପ୍ରଭୃତିଙ୍କ ଗୀତନାଟ୍ୟ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଅଶ୍ୱିନୀ କୁମାର ଘୋଷ ପ୍ରଭୃତିଙ୍କ ମଞ୍ଚନାଟକ ସମସ୍ତଙ୍କ ହୃଦୟକୁ କିଣି ନେଉଥିଲା । କିନ୍ତୁ ଆଜିର ଉଦ୍ଭଟ ନାଟକ ଓ ଉଦ୍ଭଟ ନାଟ୍ୟ ପରମ୍ପରା ଦର୍ଶକ ଚିତ୍ତକୁ ଉଦ୍ଭଟ କରିଦେଉଛି । ଆମ ନାଟ୍ୟ ସାହିତ୍ୟ ଆସି ଏହିଠାରେ ପହଞ୍ଚିଛି ।








ପିତାମାତାଙ୍କ ଅବଦାନ । ଏପରିକି ବୃଦ୍ଧ ପିତାମାତାଙ୍କୁ ଜରାଶ୍ରମରେ ଛାଡ଼ିଦେବାକୁ ମଧ୍ୟ କୁଣ୍ଠାବୋଧ କରୁନାହାଁନ୍ତି । ଏହା କ'ଣ ଇଂରାଜୀ ଶିକ୍ଷାର ଆଦର୍ଶ?

## ଏକାନ୍ନବର୍ତ୍ତୀ ପରିବାର ସ୍ୱପ୍ନ


ଅତୀତର ଏକାନ୍ନବର୍ତ୍ତୀ ପରିବାର ଆଉ ନାହିଁ । ବିବାହ କରି ସାରିବା ପରେ ଯିଏ ଯାହା ବାଟ ଦେଖୁଛି । ଭାଇ ପାଇଁ ଭାଇର ଯେଉଁ କର୍ତ୍ତବ୍ୟବୋଧ ଓ ସ୍ୱାର୍ଥତ୍ୟାଗ, ତାହା ନଷ୍ଟ ହୋଇଯାଇଛି । ସ୍ତ୍ରୀ ଦ୍ୱାରା ପରିଚାଳିତ ହୋଇ ଭାଇମାନେ ନିଜ ବଡ଼ ଭାଇକୁ ମଧ୍ୟ ଅଣଦେଖା କରୁଛନ୍ତି । ଦିନେ ନା ଦିନେ ସେ ଭାଇ କୋଳେଇ ଥିବ, କାଖେଇ ଥିବ, ପାଠପଢ଼ାରେ ସାହାଯ୍ୟ କରିଥିବ । ସେ କଥା ସମସ୍ତେ ଭୁଲି ଯାଉଛନ୍ତି । ଏପରିକି ଜନ୍ମଦାତା ପିତାମାତାଙ୍କୁ ମଧ୍ୟ ପଚାରୁନାହାନ୍ତି । ନିଜ ସ୍ତ୍ରୀକୁ ନେଇ ସହରରେ ରହୁଛନ୍ତି । ବୁଢ଼ାବୁଢ଼ୀ ଏଠାରେ ସେବା ଟିକିଏ ନପାଇ ଦୁଃଖରେ କାଳାତିପାତ କରୁଛନ୍ତି । ଭୁଲି ଯାଉଛନ୍ତି ପୁଅମାନେ

ପଶ୍ଚିମ ଦେଶରେ ପରିବାର କହିଲେ ତିନିଜଣ, ପିତା, ମାତା ଓ ପୁତ୍ର । କିନ୍ତୁ ଆମର ପରିବାର କହିଲେ ୪୮ ଜଣ । ଯେଉଁମାନେ ଶୁଦ୍ଧ, ଶ୍ରାଦ୍ଧ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦାନ କରନ୍ତି । ଖଡ଼ୀରତ୍ନ ପଞ୍ଜିକାର ୨୫୪ପୃଷ୍ଠାରେ ଏହି ୪୮ ଜଣଙ୍କ ନାମ ପ୍ରାଞ୍ଜଳ ଭାବରେ ଉଲ୍ଲେଖ କରାଯାଇଛି । ଏଠାରେ ତାହାର ଅବତାରଣ ଅନାବଶ୍ୟକ । ତେଣୁ ଆମର ଏକାନ୍ନବର୍ତ୍ତୀ ପରିବାରରେ ପରସ୍ପର ମଧ୍ୟରେ ଯେଉଁ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଆଉ ଆତ୍ମୀୟତା ପୂରି ରହିଥିଲା । ତାହା ଏବେ ସ୍ୱାର୍ଥକୈନ୍ଦ୍ରିକ ହୋଇଯାଇଛି । ଫଳରେ ପରିବାର ମଧ୍ୟରେ ଥିବା ଏକତା ଆଉ ନାହିଁ । ତାହା ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ।









## ଷ୍ଟାଇଲ୍‌ରେ ପରିବର୍ତ୍ତନ

ଝିଅ ପିଲାମାନେ ଯେପରି ବେଶ, ପୋଷାକ ଓ ଆଚାରଣରେ ଶାଳୀନତାକୁ ଭୁଲି ଯାଇଛନ୍ତି, ସେହିପରି ପୁଅମାନେ ମଧ୍ୟ କିଛି କମ୍ ନୁହଁନ୍ତି । ଉତ୍ତରକୋରିଆ ରାଷ୍ଟ୍ରପତି ଭଳି କେଶ ବିନ୍ୟାସ କରି ଚାରିପଟୁ କାଟିଦେଇ ମୁଣ୍ଡ ଉପରେ ପୁଳାଏ ଚୁଟି ରଖୁଛନ୍ତି । ମଦଖାଇ ନାନା କେଳେଙ୍କାରୀ କରୁଛନ୍ତି । କେହି କାହାକୁ କମ୍ ନୁହନ୍ତି । ସମସ୍ତେ ନିଜର ସଂସ୍କାରକୁ ଭୁଲି ପାଶ୍ଚାତ୍ୟ ରଙ୍ଗଢଙ୍ଗରେ ନିଜକୁ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି । ଆଗେ ଗରମ ବୋଧ ହେଲେ ମଧ୍ୟ ଝିଅମାନେ ନିଜ ଦେହକୁ ଘୋଡ଼ାଇ ରଖୁଥିଲେ । ଏବେ ଗରମ ହେଲେ ମଧ୍ୟ ପୁରୁଷମାନେ ଦେହକୁ ଘୋଡ଼ାଇ ରଖୁଛନ୍ତି । ପ୍ରବଳ ଥଣ୍ଡା ହେଲେ ମଧ୍ୟ ଝିଅମାନେ ଫୁଙ୍ଗୁଳା ବୁଲୁଛନ୍ତି । ସବୁ ଓଲଟି ଯାଇଛି । କେଶ ସୌଭାଗ୍ୟର ପ୍ରତୀକ । ତେଣୁ କେଶକୁ ବଢ଼ାଯାଏ । ନଖ ଦୁର୍ଭାଗ୍ୟର ପ୍ରତୀକ, ତେଣୁ ନଖକୁ କାଟିଦିଆଯାଏ । ଏବେ କିନ୍ତୁ ଓଲଟା । କେଶକୁ କାଟି ପୁଅପିଲା କେଶ ଭଳି ରଖୁଛନ୍ତି । ନଖକୁ ବଢ଼ିବାକୁ ଦେଉଛନ୍ତି । ସବୁ ଓଲଟା, କାହାକୁ କହିବା ?







## ରିଙ୍ଗ୍-ସେରିମୋନି







ବିବାହ ପୂର୍ବରୁ ଜାତକ ମେଳକ ହେବାପରେ ନିର୍ବନ୍ଧ ହୁଏ । ବିବାହର ଏହା ଏକ ଅନନ୍ୟ ପରମ୍ପରା । କନ୍ୟାପିତା ଓ ବରପିତା କୌଣସି ମନ୍ଦିରରେ ଏକତ୍ର ହୋଇ ଠାକୁରଙ୍କ ନିକଟରେ ମାଳାଟେକି ବିବାହ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ବରପିତା କନ୍ୟାପାଇଁ ଆଣିଥିବା 'ପାଟମୁଦି'କୁ କନ୍ୟାପିତାକୁ ଅର୍ପଣ କରନ୍ତି । ସେହିପରି କନ୍ୟାପିତା ବରପାଇଁ ଆଣିଥିବା କିଛି ଉପହାର ଉପଢ଼ୌକନ ବରପିତାକୁ ପ୍ରଦାନ କରନ୍ତି । ଏହା ଆମର ପରମ୍ପରା । କିନ୍ତୁ ଏବେ ଯାହା ହେଉଛି, ଲୋକ ତାହା ଦେଖି ତାଜୁବ୍ ହୋଇ ଯାଉଛନ୍ତି । ସେହି ଉତ୍ସବକୁ କୁହାଯାଉଛି "ରିଙ୍ଗ୍ ସେରିମୋନି" । ସେଦିନ କୌଣସି କଲ୍ୟାଣ ମଣ୍ଡପରେ ଏ ଉତ୍ସବ ଅନୁଷ୍ଠିତ ହୁଏ । କନ୍ୟାପିତା ଓ ବରପିତା ମନ୍ଦିରରେ ନିର୍ବନ୍ଧ କରନ୍ତି । କିନ୍ତୁ ମଣ୍ଡପରେ ବରକନ୍ୟାଙ୍କର କେକ୍ କଟାଯାଏ । କନ୍ୟା ସହିତ କନ୍ୟାର ସାଙ୍ଗ ଏବଂ ବର ସହିତ ବରର ସାଙ୍ଗମାନେ ମିଶି ଧୁମ୍ ନାଚଗୀତ କରନ୍ତି । ବରପିତା, କନ୍ୟାପିତା ଓ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏ ଦୃଶ୍ୟ ଦେଖି ଅତ୍ୟନ୍ତ ଲଜ୍ଜାନୁଭବ କରନ୍ତି । ଖ୍ରୀଷ୍ଟିଆନ୍‌ମାନଙ୍କର 'ରିଙ୍ଗ୍ ସେରିମୋନି' ଓ ମୁସଲମାନମାନଙ୍କର 'ସଗାଇ' ଉତ୍ସବ ଏହାକୁ କୁହାଯାଏ । ତାଙ୍କ ଧର୍ମ ଓ ପରମ୍ପରାରେ ଏସବୁ ଅଛି । କିନ୍ତୁ ହିନ୍ଦୁମାନଙ୍କର ଏହା ଏକ ପବିତ୍ର 'ପାଟମୁଦି' ନିର୍ବନ୍ଧ । ଏବେ ଏହାର ପବିତ୍ରତା ଆଉ ନାହିଁ । ଶିଶୁର ଜନ୍ମଦିନରେ ଖ୍ରୀଷ୍ଟିଆନମାନେ କେକ୍ କାଟି ଉତ୍ସବ କରନ୍ତି । କିନ୍ତୁ ହିନ୍ଦୁମାନେ ସତ୍ୟନାରାୟଣ ପୂଜା, ପାଲା, ପ୍ରଭୃତି ପବିତ୍ରତାର ସହିତ ଜନ୍ମଦିନ ପାଳନ କରନ୍ତି । ଏବେ ସର୍ବତ୍ର କେକ୍ କଟା ଚାଲିଛି । ଏହା କେଉଁ ସଂସ୍କାର କଥା ?

ବରାନୁଗମନ ସମୟରେ ଯାହାସବୁ ଘଟୁଛି, ତାହା କାହାକୁ ଅବିଦିତ ନାହିଁ । ଡିଜେ ବାଦ୍ୟର ତାଳେ ତାଳେ ମଦ୍ୟାପାନ କରି ବରଯାତ୍ରୀ ଯୁବକମାନେ ନିର୍ଲଜଙ୍କ ଭଳି ଯେଉଁପରି ନାଚୁଛନ୍ତି, ତାହା ଆମ ସଂସ୍କୃତିରେ ପୂର୍ବରୁ ନଥିଲା । ବରଯାତ୍ରୀମାନେ ବହୁ ସମ୍ମାନର ଅଧିକାରୀ । ତାଙ୍କର ପାଦଧୋଇ ଆନୁଷ୍ଠାନିକ ଭାବେ ଗୁଆ ମହାପ୍ରସାଦ ଦେଇ କନ୍ୟା ଘରକୁ ନିମନ୍ତ୍ରଣ କରାଯାଏ । ସେମାନଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରି କନ୍ୟାଘର ଲୋକମାନେ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏବେ ବର ଯାତ୍ରୀମାନେ ମଟନ୍ ଖାଇବାପାଇଁ ଯେଭଳି କେଳେଙ୍କାରୀ ସୃଷ୍ଟି କରୁଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ । ଏପରିକି ଅନେକ ସ୍ଥାନରେ ବର ମଧ୍ୟ ଶିଶୁପାଳ ହୋଇ ଫେରୁଛି ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଆଧୁନିକତାର ଦ୍ୱାହି ଦେଇ ଆମର ମହାନ୍ ସଂସ୍କୃତି ଓ ପରମ୍ପରାରେ ଯେଉଁଭଳି ଅପସଂସ୍କୃତି ପ୍ରବେଶ କରିଯାଉଛି, ତାହା ଏବେ ଚିନ୍ତା କରିବାର ସମୟ ଆସିଛି । ■



ବର୍ଷା ବିହାର, ମନ୍ଦିରମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ - ୯୯୩୭୮୩୫୨୩୦

# ହଜିଲା ସଂସ୍କୃତିକୁ ଖୋଜିବା ଚାଲ



ଡକ୍ଟର ମନୋରଞ୍ଜନ ପ୍ରଧାନ



ଗୋଟିଏ ସମାଜ ଓ ସଭ୍ୟତାର ସ୍ମୃତି ଚିହ୍ନ ହେଉଛି ତା'ର କାଳଜୟୀ ସଂସ୍କୃତି । ଏହା ଏକ ନିଦ୍ରିତ ଜାତିକୁ ଜାଗ୍ରତ ରଖେ ।ହଜିଲା ଦିନକୁ ହଜେଇ ଦିଏ ।ଏହା ସ୍ମରଣ କରିଦିଏ ତାର ପୂର୍ବପୁରୁଷଙ୍କ ବେଶଭୂଷା, ଖାଦ୍ୟପେୟ, ଲୋକ କଳା, ଲୋକ ଗୀତ, ଜୀବନଚର୍ଯ୍ୟା ଓ ଜୀବନ ମୂଲ୍ୟ ସମ୍ବନ୍ଧରେ । ସେଥିପାଇଁ ସଂସ୍କୃତିକୁ ସମାଜର ଦର୍ପଣ କହନ୍ତି । କିନ୍ତୁ ସମୟ ଓ ପରିସ୍ଥିତିର ଦାସତ୍ୱରେ ନିଜ ଅସ୍ତିତ୍ୱ ଓ ଅସ୍ମିତା ସମ୍ବନ୍ଧରେ ଅଜ୍ଞ ଥିବା ଅଜ୍ଞାନ ମଣିଷ ବେଳେବେଳେ ବିଦେଶୀ ଅପସଂସ୍କୃତିର ଅନୁପ୍ରବେଶରେ ଭୁଲିଯାଏ ନିଜ ସମାଜର ପୂର୍ବ ଗୌରବ ଓ ଗରିମା ଯେମିତି ମେଣ୍ଢାପଲ ଭିତରେ ଭୁଲରେ ବଢୁଥିବା ପରାକ୍ରମଶାଳୀ ସିଂହ ଶାବକ ଭଳି । ଆଜିର ପରିସ୍ଥିତିରେ ତଥାକଥିତ ଆଧୁନିକ ମଣିଷ ଆଧୁନିକତାର ଦ୍ୱାହି ଦେଇ ଭୁଲିବାରେ ଲାଗିଛି ନିଜ ମହନୀୟ ସାଂସ୍କୃତିକ ବୈଭବକୁ । ବିଜ୍ଞାନ ସମ୍ମତ କାଳଜୟୀ ସଂସ୍କୃତି ଆଜି ତା ପାଇଁ ପୁରୁଣାକାଳିଆ ଚଳଣି । ଆଜି ଅପସଂସ୍କୃତିର ଅନୁପ୍ରବେଶ କେବଳ ବଡ଼ ବଡ଼ ସହରୀ ମଣିଷର ନଭଶ୍ଚୁମ୍ବୀ ପ୍ରାସାଦ ଭିତରେ ଆସ୍ଥାନ ମାଡ଼ି ବସିଛି ତାହା ନୁହେଁ, ଧୀରେ ଧୀରେ ଭାରତର ଆତ୍ମା କୁହାଯାଉଥିବା ସରଳ, ନିଷ୍ପାପ ଓ ସତ୍ୟପ୍ରିୟ ଗାଁ ମଧ୍ୟରେ ଦ୍ରୁତ ଗତିରେ ନିଜର ଉପସ୍ଥିତି ଜାହିର କରିବାରେ ଲାଗିଛି । ବର୍ତ୍ତମାନ ବଦଳି ଯାଉଥିବା ଚଳଣି, ବେଶଭୂଷା, ଯାନିଯାତ୍ରା ଓ ଆମ ପର୍ବପର୍ବାଣିର ସଙ୍କର ରୂପ ଓ ବିକୃତି ଆକୃତିର କେତେକ ଉଦାହରଣ ଉପସ୍ଥାପନ କରୁଛି ।

## ଜନ୍ମରୁ ମୃତ୍ୟୁ ଯାଏଁ ଅପସଂସ୍କୃତିର ଅନୁପ୍ରବେଶ

ଭାରତୀୟ ପରମ୍ପରାରେ ଉଭୟ ଜନ୍ମ ଓ ମୃତ୍ୟୁ ସମୟକୁ ପାରମ୍ପରିକ ରୀତିନୀତିରେ ସମ୍ପାଦନ କରାଯାଏ । ଘରକୁ ଆସିଥିବା ନବାଗତକୁ ଦେବ ଶିଶୁର ମାନ୍ୟତା ମିଳେ । ତା'ର ଜନ୍ମଦିନ ଅତି ଜାକଜମକରେ ପାଳିତ ହୁଏ । ଯେତେ ବର୍ଷ ବଢ଼େ ସେତୋଟି ଘିଅ ଦୀପ ବୃଦ୍ଧି କରାଯାଇ ସ୍ୱସ୍ତିକ ଉପରେ ରଖାଯାଏ । ଘରର ଗୁରୁଜନମାନେ ହଳଦୀ, ଅକ୍ଷତ ଓ ଫୁଲ ପକାଇ ଆଶୀର୍ବାଦ ଦିଅନ୍ତି ଓ ଜନ୍ମଦିନ ହେଉଥିବା ଶିଶୁ ବା ବ୍ୟକ୍ତି ନୂଆ ଜାମା ପିନ୍ଧି ସମସ୍ତଙ୍କୁ ପ୍ରଣାମ କରେ । ଆୟୋଜିତ ହୁଏ ତୃପ୍ତି ଭୋଜନ । ପାରମ୍ପରିକ ପିଠାପଣା, ସତ୍ୟନାରାୟଣ ପାଲା ଆଦିରେ ଉତ୍ସବମୁଖର ହୋଇଉଠେ ସଂପୂର୍ଣ୍ଣ ଘର । ବନ୍ଧୁବାନ୍ଧବ ସାହିପଡ଼ୋଶୀଙ୍କ ସମାଗମରେ ଏକ ସାମାଜିକ ସଦ୍‌ଭାବନାର ବାତାବରଣ ସୃଷ୍ଟି ହୁଏ । ଆଜି କିନ୍ତୁ ପାଶ୍ଚାତ୍ୟ ଅପସଂସ୍କୃତିର କୁପ୍ରଭାବ ରେ ଜନ୍ମଦିନ ମହମବତି ଲିଭା, କେକ୍‌କଟା ଓ ଆଧୁନିକ ଗୀତର ତାଳେ ତାଳେ ପାଳିତ ହେଉଛି । ଏପରିକି ଅନେକ ଯୁବକ ଯୁବତୀ ଖେଳପଡ଼ିଆ, ପାର୍କ ଆଦିରେ ପାଳନ କରନ୍ତି ।ବାର୍ଥ ଡେ ପାର୍ଟିରେ ଡିଜେ ଶବ୍ଦ, ଦେହ ମୁଣ୍ଡରେ କେକ୍ ବୋଳିବା ଏପରିକି ମୁଣ୍ଡରେ ଅଣ୍ଡା ଫୁଟେଇବା ଭଳି ଅରୁଚିକର କାମ ହୁଏ । ଆଜିକାଲିର ଆଧୁନିକ ଯୁବକଯୁବତୀଙ୍କ ପାଇଁ ଗୁରୁଜନଙ୍କ ଆଶୀର୍ବାଦ ଓ ଦେବାଦେବୀଙ୍କ କୃପାଭିକ୍ଷା ଏକ ପ୍ରକାର ଅନ୍ଧବିଶ୍ୱାସ ଓ କୁସଂସ୍କାର । ଏହା କେବଳ ସହରରେ ସୀମିତ ନୁହେଁ ଅତି ଦ୍ରୁତ ଗତିରେ ଗ୍ରାମମୁହାଁ ଏ ଅପସଂସ୍କୃତି । ଆଜି ଗାଁ ଲୋକଟି ପିଲା ପାଠପଢ଼ା ପାଇଁ ଯେତିକି ଚିନ୍ତିତ ନୁହେଁ, କେକ୍ କାଟି ଜନ୍ମଦିନ ପାଳିବାକୁ ଭାରି ଆଗ୍ରହୀ ।

ସେହିପରି ମୃତ୍ୟୁ ପରେ ଆଜି ପରମ୍ପରା ବଦଳି ଯାଇଛି । ବିନା ମଦରେ କୋକେଇ ଉଠୁନି କି ଶବଦାହ ପାଇଁ ଲୋକେ ରାଜି ହେଉନାହାଁନ୍ତି । ଗୁଡ଼ପଣା, ପାଲୁଉଖୁଡ଼ା (ଖଇ) ଆଜି ପ୍ରତୀକାତ୍ମକ ବିଧି ବ୍ୟବସ୍ଥା । ଚାରିପଣାରୁ ନ ପଣା ଭୋଜିଭାତ ବିଶେଷକରି ଫାଷ୍ଟଫୁଡ୍ ସେଣ୍ଟର ବନିଯାଇଛି । ମୃତ୍ୟୁ ପରେ ଶ୍ରାଦ୍ଧ ଦେଇ ପୂର୍ବପୁରୁଷଙ୍କ ସ୍ମୃତିଚାରଣ କରୁଥିବା ଭାରତୀୟମାନେ ଏହାକୁ କୁସଂସ୍କାର ଭାବେ ଅଭିହିତ କରୁଛନ୍ତି ।





## କୁସଂସ୍କୃତି କବଳରେ ଆମ ଖାଦ୍ୟପେୟ

କିଛିଦିନ ପୂର୍ବେ ଜଣେ ଆଦିବାସୀ ମହିଳା ଚାଷ ଜମିରୁ ଉତ୍ପାଦିତ ପନିପରିବା ନେଇ ଆସିଥିଲେ । ବୋଉ ତାଙ୍କ ସହ ଭଲମନ୍ଦ ଆଲୋଚନା ପରେ ଆମ ପାଇଁ ମାଣ୍ଡିଆ ଆଣି ଦେବାକୁ ବରାଦ ଦେଲେ । ଦୁଇଚାରି ଦିନ ପରେ ମହିଳା ଜଣକ ଚାଷ ଜମିରୁ ଆୟ ହୋଇଥିବା କୋଡ଼ିଏ କିଲୋଗ୍ରାମ ମାଣ୍ଡିଆ ଆଣିଦେଲେ । ମାଣ୍ଡିଆର ପାଉଣା ଦେଲାପରେ କୌତୂହଳରେ ପଚାରିଲି, ତୁମ ପିଲାମାନେ ମାଣ୍ଡିଆ ତିଆରି ଖାଦ୍ୟ ଖାଉଛନ୍ତି କି ନାହିଁ? ମହିଳା ଜଣକ କହିଲେ ଆମେ ଖାଇବା ପାଇଁ ହିଁ ମାଣ୍ଡିଆ ଚାଷ ଅଳ୍ପ ଜମିରେ କରିଥିଲୁ । ହେଲେ ପିଲାମାନେ ମାଣ୍ଡିଆ ଖାଇବାକୁ ସଫା ସଫା ମନା କରିଦେଲେ । ତେଣୁ ଆମ ସ୍ୱାମୀ ସ୍ତ୍ରୀ ଖାଇବା ପାଇଁ କିଛି ରଖି ତୁମକୁ ବିକି ଦେଲି । ତା' ପରେ ପଚାରିଲି, ପିଲାମାନେ କାହିଁକି ମାଣ୍ଡିଆ ପସନ୍ଦ କରୁନାହାନ୍ତି? ସେ କହିଲେ, ଗାଁରେ ମ୍ୟାଗି, ଚ୍ୟାଉମିନ୍ ଦୋକାନ ହେଲା ଦିନଠୁ ପିଲା ମାଣ୍ଡିଆ ଖାଇବାକୁ ମନା କରୁଛନ୍ତି । ଦୁଃଖର କଥା ମାଣ୍ଡିଆ ପେଯ ପିଇ ଦିନସାରା ଅକ୍ଳାନ୍ତ ପରିଶ୍ରମ କରିପାରିବାର ସାମର୍ଥ୍ୟ ରଖିପାରୁଥିବା ଆଦିବାସୀ ଓ ଚାଷୀର ପୁଅଝିଅ ମାନେ ପୁଷ୍ଟିଶସ୍ୟ ମାଣ୍ଡିଆକୁ ହତାଦର କରି ଧବଳ (ବିଷ) ମଇଦା ତିଆରି ଚାଉମିନ୍, ମ୍ୟାଗି, ଭଳି ଶରୀର ଅହିତକାରୀ ଚଟପଟି ଖାଦ୍ୟର ଅନ୍ଧ ଉପଭୋକ୍ତା । ବାସ୍ତବରେ ଏହା କେବଳ ସେ ଆଦିବାସୀ ମହିଳାଙ୍କ ଗାଁର ଚିତ୍ର ନୁହେଁ, ସମଗ୍ର ଦେଶର ଗାଁର ଚିତ୍ର । ମୋ ନିଜ ଗାଁରେ ମଧ୍ୟ ଫାଷ୍ଟ ଫୁଡ୍ ଦୋକାନରେ ପ୍ରବଳ ଭିଡ଼ । ଅର୍ଥାତ୍ ମାଣ୍ଡିଆ ଭଳି ଶରୀର ପାଇଁ ଅତି ଉପାଦେୟ ଖାଦ୍ୟଶସ୍ୟ, ଯାହା ଗ୍ରାମରେ ବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ଖାଦ୍ୟ ଥିଲା ତାହା ଆଜି ଆଧୁନିକ ପିଲା ଓ ଯୁବ ପିଢି ପାଇଁ ଅଲୋଡା ହେବାରେ ଲାଗିଛି ।

ସେହିପରି ଓଡ଼ିଆ ଖାଦ୍ୟ ଆଜି ଆମ ପିଲାଙ୍କୁ ରୁଚୁ ନାହିଁ । ଭଗବାନ ଶ୍ରୀଜଗନ୍ନାଥଙ୍କ ପାଖରେ ଲାଗି ହେଉଥିବା ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଓଡ଼ିଆ ସଂସ୍କୃତିର ସନ୍ତକ । ଆମ ମଣ୍ଡା, କାକରା, ଏଣ୍ଡୁରି, ପୁଲି ଚକୁଳି, ଆରିସା, କାକରା, ଆଦି ବିଭିନ୍ନ ପିଠା, ଡାଲମା, ଘାଣ୍ଟ, ମହୁର, ଭଳି ବିଭିନ୍ନ ପୁଷ୍ଟିକର ଖାଦ୍ୟ ଆଜି ଆଧୁନିକ ଓଡ଼ିଆଙ୍କ ରୋଷଶାଳରୁ ଉଭାନ ହୋଇଗଲାଣି । ଅନ୍ ଲାଇନ୍ ଯୋଗେ ମଗା ଯାଉଥିବା ପିଜା,ବରଗର, ସ୍ୟାଣ୍ଡଓ୍ୱିଚ୍, ପେଟିସ୍, ମେଗି, ପାସ୍ତା, ଚାଉମିନ ଭଳି ବିଦେଶୀ ଖାଦ୍ୟ ଆମ୍ଭମାନଙ୍କ ସମ୍ଭ୍ରାନ୍ତପଣିଆର ପରିଚୟ ସାଜିଛି । ମଣିଷ ଏଭଳି ଅଖାଦ୍ୟ ଖାଇ ରୋଗ ମାଗଣାରେ ଘରକୁ ଆମନ୍ତ୍ରଣ କରୁଛି, ଅଥଚ ସ୍ୱାସ୍ଥ୍ୟପ୍ରଦ ଆମ ମୌଳିକ ଖାଦ୍ୟପେୟ ଭୁଲିବାରେ ଲାଗିଛି । ସେହିପରି ଘରକୁ କୁଣିଆ ଆସିଲେ ଗୋଡ଼ ଧୋଇବା ପାଇଁ ପାଣି ଦେବା, ତା'ପରେ ଚିନି ପାଣି ବା ଲେମ୍ବୁ ସର୍ବତ ଦେଇ ଘର ତିଆରି ଖାଦ୍ୟ ସାମଗ୍ରୀରେ ଆପ୍ୟାୟିତ କରିବା ପରମ୍ପରା ଆଉ ନାହିଁ । ଏପରିକି ଗାଁ ଲୋକେ ଏକଥା ମଧ୍ୟ ଭୁଲିଗଲେଣି । ଆଜିର ପରିସ୍ଥିତିରେ କେହି କୁଣିଆ ଆସିଲେ ସରବତର ଜାଗାରେ ଦୋକାନରେ ଉପଲବ୍ଧ ଫ୍ରୁଟି, ମୃଦୁ ପାନୀୟ ଆଦିରେ ଆପ୍ୟାୟିତ ହେଉଛନ୍ତି । ଏହା ହେଉଛି ଆମ ସଂସ୍କୃତି ଓ ପରମ୍ପରା ବିନାଶର ଏକ ଉଦାହରଣ ମାତ୍ର ।









## ବେଶଭୂଷାରେ ଅପସଂସ୍କୃତି

ପ୍ରାୟ ପନ୍ଦର ବର୍ଷ ତଳର କଥା। ଭାରତର ରାଜଧାନୀ ନୂଆ ଦିଲ୍ଲୀର ଇଣ୍ଡିଆ ଗେଟ୍ ପ୍ରାଙ୍ଗଣରେ ଅମର ଜ୍ୟୋତିକୁ ଏକ ଲୟରେ ଅବଲୋକନ କରୁଥାଏ। ହଠାତ୍ ଜଣେ ଭଦ୍ରବ୍ୟକ୍ତି ପିଠି ଥାପୁଡ଼ାଇ ପଚାରିଲେ ଆପଣ ଓଡ଼ିଆ ନାଁ ? ଆଶ୍ଚର୍ଯ୍ୟ ହୋଇଗଲି। ପ୍ରଥମ ଥର ଦିଲ୍ଲୀ ଯାଇଥାଏ। ସେମିତି ବିଶେଷ ଚିହ୍ନାଜଣା ଲୋକ ମଧ୍ୟ ନଥିଲେ। ହଠାତ୍ ଭଦ୍ରବ୍ୟକ୍ତିଙ୍କ ପ୍ରଶ୍ନ ଶୁଣି ପଚାରିଲି ଆପଣ କେମିତି ଜାଣିଲେ? ସେ କହିଲେ ଆପଣଙ୍କ ସମ୍ବଲପୁରୀ ସାର୍ଟ ଦେଖି। ଏ ହେଉଛି ଆମ ବେଶଭୂଷାର ପରିଚିତି ଓ ସଂସ୍କୃତିର ସ୍ୱାକ୍ଷର। ହେଲେ ଆଜି ବିଦେଶୀ ଅପସଂସ୍କୃତିର ଅନୁପ୍ରବେଶ ଆମ ବେଶଭୂଷା ମଧ୍ୟ ବଦଳେଇ ଦେଲାଣି। ନଖରୁ ଶିଖ ଯାଏଁ କବଳିତ ପୋଷାକ ଜାଗାରେ ଅର୍ଦ୍ଧନଗ୍ନ ଫୁଙ୍ଗୁଳା ପୋଷାକ ଆମ ବଡ଼ବଡ଼ିଆଙ୍କ ପାଠୁଆ ପଣିଆର ପରିଚୟ। ଅବଶ୍ୟ ସରକାରୀ ସ୍ତରରେ ଅଜସ୍ର ପ୍ରଚେଷ୍ଟା ଓ ପ୍ରୋତ୍ସାହନ ଯୋଗୁଁ ଆଜି ସମ୍ବଲପୁରୀ ଭଳି ସ୍ୱଦେଶୀ ବସ୍ତ୍ରର ଚାହିଦା କ୍ରମ ହ୍ରାସମାନ ଗତିରେ ବୃଦ୍ଧି ପାଉଛି। ଗାଁରେ ଧୋତି କୁର୍ତ୍ତା ଲୋକ ଆଉ ନାହାନ୍ତି। ଯଦି ଅଛନ୍ତି ସେମାନେ ଆଜି ମଳି ମୁଣ୍ଡିଆ ଭାବରେ ସମାଲୋଚିତ।





## ଜୀବଚର୍ଯ୍ୟା ଓ ଜୀବନଶୈଳୀ

ଆଜି ଗାଁଠାରୁ ସହର ସବୁଠି ପାଶ୍ଚାତ୍ୟ ଅପସଂସ୍କୃତିର ଝଲକ। ଆମ ଭାରତୀୟ ଜୀବନ ମୂଲ୍ୟ ଆଧାରିତ ଜୀବନ ଶୈଳୀ ଆଉ ନାହିଁ। ଗହ୍ମା ପୂର୍ଣ୍ଣିମା ଆଜି ରକ୍ଷାବନ୍ଧନ ଉତ୍ସବ। ରେସମ ସୂତା ଆଜି ପ୍ଲାଷ୍ଟିକ କାଗଜ ବା ସୋଲ ରାଖିରେ ପରିଣତ। ବିବାହ ଉତ୍ସବରେ ଡିଜେ ଶବ୍ଦ ବାତାବରଣକୁ ଉତ୍ତେଜିତ କରୁଛି। ବିନା ମଦରେ ବରବୁଲା (ବରଯାତ୍ରୀ) ନାହିଁ। ଶଙ୍ଖ, ମହୁରୀ, ତୁରୀ, ଢାମ୍ପ ବାଦ୍ୟ, ଡୁଙ୍ଗଡୁଙ୍ଗା, ଆଦି ସଂପୂର୍ଣ୍ଣ କୋଣଠେସା। ସୂର୍ଯ୍ୟ ଉଦୟ ପୂର୍ବରୁ ପଶୁପକ୍ଷୀଙ୍କ ଶଯ୍ୟାତ୍ୟାଗ କରୁଥିବା ଆମ ଭାରତୀୟମାନେ ବିଳମ୍ବରେ ଖାଇବା ଓ ବିଳମ୍ବରେ ଉଠିବାକୁ ସମ୍ଭ୍ରାନ୍ତ ପଣିଆ ଭାବିଲେଣି। ଆମ ପରମ୍ପରାରେ ସୂର୍ଯ୍ୟ ଅସ୍ତ ବା ରାତିର ପ୍ରଥମ ପ୍ରହରରେ ଖାଇବା ବଡ଼ି ଭୋରରୁ ଉଠିବାକୁ ଋଷି ଆଚରଣ କୁହାଯାଉଥିଲା। ହେଲେ ଆଜି ସେଗୁଡ଼ିକ ଇତିହାସର କାହାଣୀ। ଗାଁର ଢ଼ିଙ୍କି ଶବ୍ଦ ନାହିଁ ତ ଢିଙ୍କିକୁଟା ଚାଉଳ କଥା ପଚାରୁଛି କିଏ ? ଚାଷଜମି ରାସାୟନିକ ସାରରେ ବିଷାକ୍ତ। ପେଷଣା, ଘୋରୁଣା, ରୁବୁଣା, ଆଦି ଘରକରଣା ଜିନିଷ ଅଭିଧାନର କୌଣସି ପୃଷ୍ଠାରେ ମୁହଁ ଲୁଚେଇ ପୁରୁଣା କଥା ଭାବିବାରେ ବ୍ୟସ୍ତ। ନିମ୍ବ, ହଳଦୀ ଶରୀରରେ





ଲଗେଇବା ଓ ଖାଇବା ପାଇଁ ଆଧୁନିକ ମାଆମାନେ ପ୍ରୋତ୍ସାହିତ କରୁ ନାହାନ୍ତି। ମୁଣ୍ଡରେ ତିଳକ ବା ଚନ୍ଦନ ଟିପା ଆଉ ନାହିଁ। ଝିଅମାନେ ହାତରେ ଚୁଡ଼ି ପିନ୍ଧିବାକୁ ଲାଜ କରୁଛନ୍ତି। ଏପରିକି ବିବାହିତ ମହିଳା ପ୍ରତୀକାତ୍ମକ ଭାବରେ ଗୋଟିଏ ଚୁଡ଼ି ପିନ୍ଧିବାକୁ ପସନ୍ଦ କରୁଛି। ସକାଳୁ ଉଠି ଦାଣ୍ଡଦୁଆର ଘରଦ୍ୱାର ଲିପାପୋଛା ଆଉ ନାହିଁ। ମୋବାଇଲ୍ ରୂପକ ଆମ୍ବଟାକୁଆ ଯନ୍ତ୍ର ଆମ ସାମାଜିକ ସମ୍ପର୍କରେ ବାଧକ ସାଜିଛି। ଗାଁ ଲଳନାମାନେ ଆଉ ବଉଳ, ମକର, ଆମ୍ବକଷି, ମିତ ଓ ସଙ୍ଗାତ ବସୁ ନାହାନ୍ତି। ଫ୍ରେଣ୍ଡସିପ୍ ଡେ, ଭାଲେଣ୍ଟାଇନ୍ସ ଡେ, ଫାଦର୍ସ ମଦର୍ସ ଡେ, କିସ୍ ଡେ, ହଗ୍ ଡେ, କିକ୍ ଡେ, ଆଦି ଆମ ସାଂସ୍କୃତିକ ପର୍ବପର୍ବାଣୀକୁ ବିପର୍ଯ୍ୟସ୍ତ କରିସାରିଲାଣି। ଆମ ଯୁବ ସମାଜ ପଣା ସଂକ୍ରାନ୍ତିର ମହନୀୟତା ଜାଣିପାରୁନି, ହେଲେ ଏପ୍ରିଲ ଫୁଲ୍ ମନେ ରଖିପାରୁଛି। ଚୈତ୍ର ଶୁକ୍ଳ ପ୍ରତିପଦା ତା ପାଇଁ କିଛି ନାହିଁ ଅଥଚ ଜାନୁଆରୀ ପହିଲା ପାଳିବାକୁ ମାସେ ଆଗରୁ ପ୍ରସ୍ତୁତି। ଇତ୍ୟାଦି। ସଂସ୍କୃତିର ଅବକ୍ଷୟ କଥା ଯେତେ ବଖାଣିଲେ ସେତେ କହିହେଉଥିବ। କିନ୍ତୁ ଏହାର ସୁରକ୍ଷା ଓ ପୁନରୁଦ୍ଧାର ନିତାନ୍ତ ଆବଶ୍ୟକ। କାରଣ ବିଶ୍ୱ ଇତିହାସରୁ ଅନେକ ସଭ୍ୟତା ହଜିଗଲେଣି ଯେତେବେଳେ ସଂସ୍କୃତିର ପତନ ହୋଇଗଲା। ଆଜିବି ଭାରତୀୟ ସଭ୍ୟତା ବଞ୍ଚିଛି କେବଳ ତା'ର କାଳଜୟୀ ସଂସ୍କୃତି, ପରମ୍ପରା ଓ ସାମାଜିକ ଚଳଣି ପାଇଁ। ଏହା ହିଁ ଆମକୁ ବିଭିନ୍ନତା ଭିତରେ ଏକତାର ମନ୍ତ୍ରରେ ଅଭିଷିକ୍ତ କରାଏ। ଏହା ହିଁ ଆମକୁ ବସୁଧୈବ କୁଟୁମ୍ବ ବାର୍ତ୍ତାରେ ବିଶ୍ୱମାନବରେ ପରିଣତ କରେ। ଯଦି ସଂସ୍କୃତି ଲୋପ ପାଇଯିବ ଆମ ଅସ୍ତିତ୍ୱ ହଜିଯିବ ଓ ଅସ୍ମିତା ବିଲୁପ୍ତ ହୋଇଯିବ। ■



## ଲୋକ ନୃତ୍ୟର ସଂଘର୍ଷ

ଆଜି ବାତମରା ଡିସ୍କୋ ଡ୍ୟାନ୍ସ ଗାଁରୁ ସହର ଯାଏଁ ସବୁଠାରେ ଲୋକପ୍ରିୟ। ପାଲା, ଦାସକାଠିଆ, ଛଉ ନୃତ୍ୟ, ଗୋଟିପୁଅ, ଘୋଡ଼ା ନାଚ, ହରିକଥା, ରାଧାପ୍ରେମ ଲୀଳା, କୃଷ୍ଣ ଲୀଳା, ଭାରତ ଲୀଳା, ଭୂତ କେଳୀ, ରାମ ନାଟକ, ପ୍ରହ୍ଲାଦ ନାଟକ, ଆଦି ଲୋକ ନୃତ୍ୟ ଓ ନାଟକ ନିଜ ଅସ୍ତିତ୍ୱ ଓ ଅସ୍ମିତା ପାଇଁ ସଂଘର୍ଷ କରୁଛି। ଆଉ ତା' ଜାଗାରେ ଆସ୍ଥାନ ଜମେଇ ବସିଛି ପାଶ୍ଚାତ୍ୟ ବାତମରା ଡିସ୍କୋ ଡ୍ୟାନ୍ସ। ଏମିତି ପରିସ୍ଥିତି ହେଲାଣି ପରିବାର ନେଇ ଅପେରା ହେବା ସିନେମା ଦେଖିବା ସମ୍ଭବ ନୁହେଁ। ଏପରିକି ଗାଁ ଯାନିଯାତ୍ରାରେ ଯେଭଳି ଅର୍ଦ୍ଧନଗ୍ନ ଫୁଙ୍ଗୁଳା ନାଚ କଲେଣି, କହିଲେ କୁଳକୁଟୁମ୍ବକୁ ଲାଜ। ଦିନ ଥିଲା ପୌରାଣିକ କଥାବସ୍ତୁ ଆଧାରିତ ନାଟକ ବା ଲୋକନୃତ୍ୟ ସଂପୂର୍ଣ୍ଣ ଗାଁ ବସି ଦେଖୁଥିଲା। ଆଜିକାଲି ଯଦି କୌଣସି ବ୍ରତ ବା ମାନସିକ ପାଇଁ ପାଲା ଦାସକାଠିଆ ଭଳି ଲୋକ ନୃତ୍ୟ ଅନୁଷ୍ଠିତ ହୁଏ, ହାତଗଣତି ବୟୋବୃଦ୍ଧଙ୍କ ଛଡ଼ା ଆଉ କେହି ଦେଖୁ ନାହାନ୍ତି। କିନ୍ତୁ ଅଶ୍ଳୀଳ ସଙ୍ଗୀତ ଓ ଆଧୁନିକ ଗୋଡ଼ ଛଟା ନୃତ୍ୟ ଦେଖିବାକୁ ଅସମ୍ଭବ ଭିଡ଼। ଏହା ହେଉଛି ଆଉ ହଜିଲା ସଂସ୍କୃତିର ଇତିବୃତ୍ତି।







ସହକାରୀ ପ୍ରାଧ୍ୟାପକ,
ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ

# ଆଧୁନିକତାର ରଙ୍ଗରେ ଆମ ସଂସ୍କୃତି, ସମାଜ ଓ ଶିକ୍ଷା





ଡ. ଅନ୍ତର୍ଜିତା ନାୟକ

**ଆଧୁନିକତାର ପ୍ରଭାବରେ ଆମ ସଂସ୍କୃତି ଓ ସମାଜ**

**ଆମେ ସମସ୍ତେ ପ୍ରାୟ ଜାଣିଛନ୍ତି ଯେ, ପରିବର୍ତ୍ତନ ହିଁ ସ୍ଥାୟିତ୍ୱର ଅନ୍ୟ ନାମ। ସମୟ ଓ ସମୟର ପରିବର୍ତ୍ତନ ସହିତ ଚାଲିବାକୁ ବୁଦ୍ଧିମତ୍ତା ବୋଲି ମଧ୍ୟ କୁହାଯାଏ। ହେଲେ ସମୟର ପରିବର୍ତ୍ତନ କେତେ ସକାରାତ୍ମକ ବା କେତେ ନକାରାତ୍ମକ ପ୍ରଭାବ ପକାଇଥାଏ, ତାହା ହିଁ ପରବର୍ତ୍ତୀ ସମୟରେ ଗୁରୁତ୍ୱପୂର୍ଣ୍ଣ ଅଟେ। ପରିବର୍ତ୍ତନଶୀଳ ସମୟର ଆଧୁନିକୀକରଣର ମଲାଟ, ଆମ ଶିକ୍ଷା ଓ ସଂସ୍କୃତି ଉପରେ ନିଜର ପ୍ରଭାବ ପକାଉଛି। କିଛି ପ୍ରଭାବ ରୁପା ତାରକସି ସ୍ୱରୂପ ଆମ ସଂସ୍କୃତି ଉପରେ ମିନାକରୀ ଭଳି ଓ କିଛି ପ୍ରଭାବ ଲୁହାର କଳଙ୍କି ଭଳି। ଯଦି ଆଖି ବୁଲାଇ ଦେଖାଯାଏ, ତେବେ ଆମ ଶିକ୍ଷା ଓ ସଂସ୍କୃତି ଏହି ଆଧୁନିକୀକରଣ ଦ୍ୱାରା ଅଧିକ ପ୍ରଭାବିତ।**

ପୂର୍ବ ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ ରାଜ୍ୟ। ଯେଉଁଠି ପ୍ରାଚୀନ ପରମ୍ପରା ଓ ଆଧୁନିକ ଧାରାର ଏକ ମନୋରମ ମିଶ୍ରଣ ଅନୁଭବ ଓ ଉପଭୋଗ କରିବାକୁ ମିଳେ। ରୀତିନୀତି, ପରମ୍ପରା, ବିଶ୍ୱାସ, ଆଦିମ ଜ୍ଞାନ କୌଶଳ ଏବଂ କଳାତ୍ମକ ଅଭିବ୍ୟକ୍ତିର ଏକ ଚମତ୍କାର ପ୍ରତିକୃତି ହେଲା ଓଡ଼ିଶା। ଅନେକ ଭୌଗୋଳିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ଓ ପ୍ରାକୃତିକ ବିପର୍ଯ୍ୟୟର ଆକ୍ରମଣ ସତ୍ତ୍ୱେ ଆଜି ଓଡ଼ିଶା ବିକାଶଶୀଳ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଦୃଶ୍ୟକୁ ପ୍ରତିଫଳିତ କରେ। ଓଡ଼ିଆ ଭାଷା, ଓଡ଼ିଆ ଲିପି ଏବଂ ଓଡ଼ିଆ ସାହିତ୍ୟର ବିକାଶ ସହିତ ଓଡ଼ିଶୀ ନୃତ୍ୟ, ଶିଳ୍ପ, କଳାକୃତି ଏବଂ ଓଡ଼ିଆ ସ୍ଥାପତ୍ୟର ଏକ ସ୍ୱତନ୍ତ୍ର ସ୍ୱାକ୍ଷର ସେଇ ପ୍ରାଚୀନ କଳିଙ୍ଗ। କଳିଙ୍ଗରୁ ଆରମ୍ଭ କରି ଉତ୍କଳ ଓ ଓଡ଼ିଶା ଯାଏଁ ଆମ ରାଜ୍ୟ ଓ ଆମେ ଓଡ଼ିଆ ଅନେକ ପରିବର୍ତ୍ତନର ସାକ୍ଷୀ। ହେଲେ ଆଜି ଓଡ଼ିଶା ନିଜର ସମୃଦ୍ଧ ଇତିହାସ ଏବଂ ଅନନ୍ୟ ପରିଚୟ ବଜାୟ ରଖିବା ସହିତ ବିକାଶଶୀଳ ହେବାର କ୍ଷମତାର ପ୍ରମାଣ ଭାବେ ବିଦ୍ୟମାନ। ଓଡ଼ିଶାର ନୃତ୍ୟ, ପଟ୍ଟଚିତ୍ର, ବସ୍ତ୍ର, ପାରମ୍ପରିକ କଳା, ଲୋକକଥା, ଖାଦ୍ୟପେୟ, ଅଳଙ୍କାର ଆଭୂଷଣ, ଗଡ଼-ଦୁର୍ଗ, ଜନଜାତି, ପର୍ବପର୍ବାଣି ଓ ପ୍ରତିଭା ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ ପ୍ରଶଂସା ସାଉଁଟିବାରେ ଲାଗିଛି। ବିକାଶଧାରାରେ ଆଜି ଓଡ଼ିଶା, ନିବେଶକଙ୍କ କେନ୍ଦ୍ର ଓ ବିଶ୍ୱର ଆକର୍ଷଣ ପାଲଟିଛି। ଜଗତୀକରଣ ଏବଂ ଆଧୁନିକୀକରଣର ଦ୍ରୁତ ଗତିର ଫଳସ୍ୱରୂପ ଆମେ ଅନେକ ବ୍ୟତିକ୍ରମ ଓ ପରିବର୍ତ୍ତନର ସମ୍ମୁଖୀନ ମଧ୍ୟ ହେଉଛେ। ଯାହା ମଧ୍ୟରେ ରହିଛି କିଛି ଭଲ ଓ କିଛି ଖରାପ । ପାଶ୍ଚାତ୍ୟ ଚାକଚକ୍ୟ, ଗଣମାଧ୍ୟମ, ସଂସ୍କୃତି, ପ୍ରଥା ଓ ସଭ୍ୟତାର ପ୍ରଭାବ, ଆମର ପାରମ୍ପରିକ ମୂଲ୍ୟବୋଧ, ସଂସ୍କୃତି ଏବଂ ଅଭ୍ୟାସ ପାଇଁ ବିପଦ ସୃଷ୍ଟି କରୁଛି। ଆମ ଓଡ଼ିଆ ସଂସ୍କୃତିର ବି ଶେ ଷ













ଆକର୍ଷଣ ହେଲା ଆମ କାଳିଆ ଠାକୁର, ଶ୍ରୀଜଗନ୍ନାଥ। କାଳିଆ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ଚକା-ଚକା ସେଇ ଆଖିକୁ ଚାହିଁଦେଲେ ଆମ୍ ସନ୍ତୋଷର ମୁକୁତା ଆଖିରୁ ଝରି ପଡ଼େ। କାଳିଆ କହି କାନିପାତି ଦେଲେ, ସେଇ କଳା ସାଆନ୍ତ ଯେମିତି କାନି ଭରିଦିଅନ୍ତି। ଆଧୁନିକତାର ଏଇ ଯୁଗରେ କାଳିଆ ସାମ୍ନାରେ ପାତିବାକୁ କାନି ଆଉ ନାହିଁ। ଆମେ ଆଧୁନୀକରଣରେ ଏତେ ପ୍ରଭାବିତ ଯେ, ମନ୍ଦିର ଭଳି ପବିତ୍ର ସ୍ଥାନରେ ମଧ୍ୟ ଅସଭ୍ୟତାର ପରିଚୟ ଦେଉଛନ୍ତି, ଯାହା ଫଳରେ ବାଧ୍ୟ ହୋଇ ଆସନ୍ତା ବର୍ଷ ୨୦୨୪, ଜାନୁଆରୀ ୧ ତାରିଖରୁ ପୁରୀ ଜଗନ୍ନାଥ ମନ୍ଦିରରେ ପାଶ୍ଚାତ୍ୟ ପୋଷାକରେ ବର୍ଜନ କରାଯାଇଛି। ଆମେ ଆଧୁନିକତାର ରଙ୍ଗରେ ଏତେ ମସଗୁଲ୍ ଯେ, ଖାଲି ଭଗବାନଙ୍କ ନିକଟରେ ପାତିବାକୁ କାନି କ'ଣ, ଆମ ଛୁଆଙ୍କ ଲୁହ କି ମୁହଁ ପୋଛିବାକୁ ମଧ୍ୟ ଆଜିକାଲି ଆଉ କାନି ଦେଇ ହେଉ ନାହିଁ। ଆଗରୁ ପିଲାଟିଏ ଜନ୍ମ ହେଲେ ମା' ତାକୁ କୋଳରେ ଝୁଲାଇ ଝୁଲାଇ ନାନାବାୟା ଗୀତ ଶୁଣେଇ ଶୁଆଇ ଦେଉଥିଲା। ହେଲେ ଆଜିକାଲି ୟୁଟ୍ୟୁବ୍‌ରେ ଗୀତ ବାଜୁଥିବ ଓ ସେଇଆକୁ ଶୁଣି ପିଲା ଶୋଇପଡୁଛନ୍ତି। ନା ତ ଅଛି ମା'ର ସେଇ ଉଷୁମ କୋଳର ଆରାମ, ନା ତ ମା'ର ମିଠା-ମିଠା ଭଲପାଇବା ଗୀତ। ଆଗରୁ ପିଲାଟି ଯେତେବେଳେ ଗୁରୁଣ୍ଡି-ଗୁରୁଣ୍ଡି ମା' ପଛେ ପଛେ ରୋଷେଇ ଘରକୁ ପଳାଉ ଥିଲା, ମା' ତାକୁ ତାଟିଆ, ନ ହେଲେ ଚାମୁଚ, ବେଲଣା ବାଡ଼ି ବା ହାଣ୍ଡିଟିଏ ଧରାଇ ରୋଷେଇ ଘରେ ବସେଇ ଦେଉଥିଲା ଓ ତା' ସାଙ୍ଗରେ କେତେ ଯେ କଥା ହେଉଥିଲା। ଆଜିକାଲି ପିଲା ଗୁରୁଣ୍ଡିବା ଶିଖିଗଲେ ତାକୁ ଏକ ପ୍ରାମ୍‌ରେ ବାନ୍ଧି ଦେଇ, ମୋବାଇଲକୁ ତା' ସାମ୍ନାରେ ରଖି ଦିଆଯାଉଛି। ଯେମିତି ପିଲାଟି ମୋବାଇଲ ଦେଖିବ ଓ ଗୁରୁଣ୍ଡି ଗୁରୁଣ୍ଡି ଏଣେତେଣେ ଯାଇପାରିବ ନାହିଁ କି ମା'କୁ ଆଉ ହଇରାଣ କରିବ ନାହିଁ। ଆଗରୁ ପିଲାଟି ଯେତେବେଳେ ଖାଇବା ପାଇଁ ଅମଙ୍ଗ ହୋଇ ମା'କୁ ହଇରାଣ କରେ, ମା' ସେତେବେଳେ ଗୋଟିଏ ହାତରେ ପିଲାକୁ କଖେଇ, ଆର ହାତରେ ଖାଇବା ଗିନା ଧରି କାଉ, କୋଇଲି, ପକ୍ଷୀ, ଜୀବଜନ୍ତୁ ଦେଖାଇ ଖାଇବା ଗିନା ଶେଷ କରି ଦେଉଥିଲା। ହେଲେ ଆଜି ପିଲାକୁ କାର୍ଟୁନ୍ ସାମ୍ନାରେ ବସାଇ ଦିଅ। ତରବର ହୋଇ ପିଲାଟିକୁ ଚାମୁଚରେ ଖୁଆଇ ଦେଇ କାମ ସାରିଦେଲେ ଗଲା। ଆଜିକାଲି ମା'ଙ୍କ ପାଖରେ ଏତେ ସମୟ ନାହିଁ ଯେ ଭାତ ଗୁଣ୍ଡା କରି ଏଇଟା ମାମୁଁଙ୍କର ଗୁଣ୍ଡା, ଏଇଟା ଅଜାଙ୍କର ଗୁଣ୍ଡା କହି ଗପ ଶୁଣାଇ ପିଲାଟିକୁ କୋଳରେ ବସାଇ ନିଜ ହାତରେ ଖୁଆଇ ଦେବ। ଆଗରୁ ପିଲାଟିଏ ନୂଆ ନୂଆ ଚାଲିବା ଶିଖିଲେ ବାପା ପିଠିରେ ବସି କେତେବେଳେ ଘୋଡ଼ା ଶବାରୀର ମଜା ନିଏ ତ ଆଉ କେତେବେଳେ ମା' ପିଠିରେ ଝୁଲି ପଚା ଲାଉ-ପଚା ଲାଉ ଖେଳ ଖେଳେ। ହେଲେ ଆଧୁନିକତାର ଏଇ ଯୁଗରେ ମା' ବ୍ୟସ୍ତକୁ ବାପା ବ୍ୟସ୍ତ। ଆଗରୁ ଯେତେବେଳେ ରବିବାର ହୁଏ, ବାପା ପିଲାମାନଙ୍କର ହାତ ଧରି ବଜାର ଆଡ଼େ ବୁଲେଇ ନେଇ ଯାଉଥିଲେ, କେତେ କଥା ସେଇଠି ପିଲାଙ୍କୁ ଦେଖାଉ ଥିଲେ, ଶିଖାଉ ଥିଲେ, କେତେ ଗୁରୁଜନ, ସାଙ୍ଗସାଥୀଙ୍କ ସାଙ୍ଗରେ ଭେଟାଉ ଥିଲେ। ହେଲେ ଏବେ ରବିବାର ମାନେ ନେଟ୍‌ଫ୍ଲିକ୍ସ ବା ଆମାଜନ ପ୍ରାଇମ୍‌ରେ ବାପା-ମା' ନୂଆ ସିନେମା ଦେଖି ସପ୍ତାହଯାକ କ୍ଲାନ୍ତି ଦୂର କରିବେ। ଆଧୁନିକତାର ବର୍ତ୍ତମାନରେ ଆମେ ଆମ ଭବିଷ୍ୟତ ସାଙ୍ଗରେ କ'ଣ କରୁଛନ୍ତି, ତାହାର ଅନୁମାନ ନାହିଁ। ସେଥିରେ ଅଭିଯୋଗ କରିବା ଯେ ବାପା-ମା'ଙ୍କୁ ବୃଦ୍ଧାବସ୍ଥାରେ ପିଲାମାନେ କାହିଁକି ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି? ଆଧୁନିକତାର ରଙ୍ଗରେ ଯଦି ବାପା-ମା' ନିଜ ପିଲାଙ୍କ ଲାଗି ସମୟ ଦେଇପାରୁ ନାହାନ୍ତି, ତେବେ ଆଗାମୀ ଦିନରେ ସେଇ ଆଧୁନିକତାର ଗାଢ଼ ରଙ୍ଗରେ ପିଲାମାନେ ବାପା-ମା'ଙ୍କୁ ସମୟ ଦେବେ କିପରି? ଆଧୁନିକତାର ପ୍ରଭାବରେ ହଜିଗଲାଣି ଯୌଥ ପରିବାର ଓ ପରିବାରର ପରମ୍ପରା। ଯଦି ଆମେ ଦେଖିବା ଆମ ସଂସ୍କୃତିରେ କେଉଁଠି ଥିଲା ବୃଦ୍ଧାଶ୍ରମ, କ୍ରେଚ୍, ବିବାହ ବିଚ୍ଛେଦ, କିଶୋର ଗର୍ଭଧାରଣ, ଲିଭ୍ ଇନ୍ ରିଲେସନସିପ୍, ସମଲିଙ୍ଗୀ ବିବାହ ବା ବୃଦ୍ଧାଶ୍ରମର ପରମ୍ପରା? ଏ ସବୁ ହେଲା ଆଧୁନିକତାର ପ୍ରଭାବ।

ଅଜିର ଏଇ ଆଧୁନିକ ଯୁଗରେ ଆଉ ସେକାଳ ପଖାଳ ନାହିଁ। ଯେତେବେଳେ ବାହାହୋଇ ଘରକୁ ନୂଆ ବୋହୂଟେ ଆସିଲେ ଶଙ୍ଖା-ଚୁଡ଼ି ପାଉଞ୍ଜିର ରୁଣୁ-ଝୁଣୁ ଶବ୍ଦ ଘରଟା ଯାକ ଖେଳି ଯାଉଥିଲା। ସଜ ସଜ ନାଲି ସିନ୍ଦୂର ଓ ଅଳତାରେ ନାଲି ଟୁକୁ-ଟୁକୁ ନୂଆ ବୋହୂ ଝଟକୁ ଥିଲା। ଶାଶୂ-ଶ୍ୱଶୁର, ଗୁରୁଜନଙ୍କ ସାମ୍ନାରେ ନୂଆ ବୋହୂର ମଥାରୁ ଓଢ଼ଣୀ ଖସୁ ନ ଥିଲା। ନୂଆ ବୋହୂକୁ ଦେଖିବା ବାହାନାରେ ଲୋକେ ଚାହା ଜଳଖିଆ ଅପେକ୍ଷାରେ ବସି ରହୁଥିଲେ। ଆଜିକାଲି ନୂଆ ବୋହୂମାନେ ଅଷ୍ଟମଙ୍ଗଳା ଯାଇଥିବ କି ନାହିଁ, ଶାଢ଼ି ଓ ଓଢ଼ଣାରୁ ବାହାରି ଜିନ୍ସ୍, ଟପ୍ସ, ହଟ୍ ପ୍ୟାଣ୍ଟ, ମିନି ସ୍କର୍ଟ୍ ପିନ୍ଧି ବୁଲିଲେଣି। ଆଧୁନିକା ବୋହୂଙ୍କ ଲାଗି ନାଲି ସିନ୍ଦୂର ଟୋପା, ସିନ୍ଥିରେ ସିନ୍ଦୂର ବା ହାତରେ ଶଙ୍ଖା କାଳେ ପୁରୁଣା କାଳିଆ ଫ୍ୟାସନ୍। କୁଣିଆ-ମୈତ୍ର ଘରକୁ ଆସି ଗଲେ ଚା' ଜଳଖିଆ ଦେବା ବଦଳରେ ନିଜ ବେଡ୍‌ରୁମ୍‌ରେ ବସି ବ୍ୟସ୍ତ ଅଛି କହିବାଟା ଶିକ୍ଷିତ ଚାକିରିଆ ଆଧୁନିକା ନୂଆ ବୋହୂଙ୍କର କାଳେ ଉଚ୍ଚ ସ୍ଥିତିର ପ୍ରତୀକ। ଯଦି ଆଧୁନିକା ନୂଆ ବୋହୂକୁ କେବେ କାହା କଥା ବାଧିଗଲା, ତେବେ ବୋହୂ ରାଗିକି ଝଗଡ଼ା-ଝାଣ୍ଟି, ତୁମ୍ବିତୋଫାନ କରି ବାପ ଘରକୁ ଚାଲିଯିବ, ନ ହେଲେ ବୋହୂ ଯଦି ବେଶି ସଶକ୍ତ ବା ଅତ୍ୟାଧୁନିକ, ତେବେ ଚାଲିଯିବ ମହିଳା ପୋଲିସ ଥାନା। ପାରିବାରିକ ବା ଘରୋଇ ହିଂସା ବାବଦରେ ଏଫ୍.ଆଇ.ଆର୍ ରୁଜୁ କରିବାକୁ, ନହେଲେ ଭାରତୀୟ ଦଣ୍ଡ ସଂହିତା ଧାରା ୪୯୮ (କ)ରେ ଜେଲ୍‌ରେ ପଶେଇ ଦେବ। ସରକାର ନାରୀମାନଙ୍କ ସୁବିଧା ଲାଗି ଯେତେବେଳେ ଏସବୁ ଧାରା ଜାରି କରିଛନ୍ତି, ତା'ର ଫାଇଦା କିପରି ନ ନେବେ ସ୍ୱାବଲମ୍ବୀ ଚିନ୍ତାଧାରାର ଆଧୁନିକା ନାରୀ ସ୍ୱରୂପିଣୀ ବୋହୂ ମାନେ। ଆଜିକାଲି ନାରୀ ସଶକ୍ତିକରଣ ଓ ଆଧୁନିକୀକରଣ ଆଢୁଆଳରେ ମା' ମାନେ ମଧ୍ୟ ଝିଅମାନଙ୍କୁ ଆମ ପରମ୍ପରା, ସଭ୍ୟତା, ସଂସ୍କୃତି, ସଂସ୍କାର, ରୀତିନୀତି ବିଷୟରେ କିଛି ଜ୍ଞାନ ଦେଉ ନାହାନ୍ତି। ଯାହା ଫଳରେ ନାରୀ ସଶକ୍ତିକରଣ କ'ଣ ହେବ, ଏଇ ଆଧୁନିକ ଯୁଗରେ ନାରୀ ସଶକ୍ତିକରଣର ବାଟ ଫିଟି ଯାଉଛି। ଯାହା ଆଧୁନିକତାର ଏକ ବିକଳାଙ୍ଗ ଚିତ୍ର ଆଙ୍କୁଛି। ଏହି ବିକଳାଙ୍ଗ ଚିତ୍ର ସଦୃଶ ପାରିବାରିକ କଳହ, ସ୍ୱାମୀ ସ୍ତ୍ରୀ ବିଚ୍ଛେଦ, ଛାଡପତ୍ର ଭଳି ନିନ୍ଦନୀୟ ଘଟଣାର ଦାସତ୍ୱ ଗ୍ରହଣ କରୁଛି ବାହାଘର ଭଳି ପବିତ୍ର ବନ୍ଧନ। ତାହା ଛଡ଼ା ସମାଜରେ ବଢୁଥିବା ବଳାତ୍କାର, ଗଣଧର୍ଷଣ, ଅବୈଧ ସମ୍ପର୍କ, ଅବିବାହିତ ଗର୍ଭଧାରଣ ଭଳି ହୀନ କାର୍ଯ୍ୟକଳାପ ଆମ ସଂସ୍କୃତିର ଅଂଶ ନୁହେଁ, ବରଂ ଏହା ଆଧୁନିକତାର ପ୍ରମାଣ ସ୍ୱରୂପ।

ରୋଷେଇ ଘରେ ରୋଷେଇ କରିବାଠାରୁ ଆରମ୍ଭ କରି ଝୋଟି-ଚିତା













ପକାଇବା ହେଉ ବା ପର୍ବପର୍ବାଣିର ପିଠାମିଠା ତିଆରି କରିବା ହେଉ, ସବୁଥିରେ ରହିଛି ଆମର ସଂସ୍କୃତି ଓ ପରମ୍ପରା । ଯାହାର କର୍ଣ୍ଣଧାର ହେଲେ ନାରୀମାନେ । ବାର ମାସରେ ତେର ପର୍ବର ଯେଉଁ ସଂସ୍କୃତି ଆମର ଅଛି, ତାହା କେବଳ ପର୍ବପର୍ବାଣି ନୁହେଁ, ବରଂ ଆମ ସମୃଦ୍ଧ ସଂସ୍କୃତିର ପରିଚୟ, ଯେଉଁଠି ଆମ ରଜ ପର୍ବ ଉର୍ବରତାର ପରିଚୟ, ପ୍ରଜନନ ଜୀବନ ଆରମ୍ଭର ସୂଚକ ତଥା ପୃଥିବୀକୁ ଏକ ନୂତନ ଜୀବନ ଆଣିବାର ଶକ୍ତିର ପ୍ରତୀକ । ଏହି ପର୍ବ, ନାରୀ ଓ ନାରୀତ୍ୱର ପର୍ବ । ପ୍ରଥମାଷ୍ଟମୀ କେବଳ ହଳଦୀ ପତ୍ର ପିଠା ଖାଇବା ନୁହେଁ, ବରଂ ହଳଦୀ ପତ୍ର ପିଠା, ଆରିସା, କାକରା ଖାଇବା ଛାଡ଼ି ପିଜା, ମୋମୋ, ବିରିୟାନୀ, ଚାଓମିନି ଖାଇବା, ଶାଗ ପଖାଳକୁ ନିନ୍ଦିବା ଓ ଆମ ସଂସ୍କୃତି ସହିତ ଜଡ଼ିତ ପର୍ବର ମୂଲ୍ୟବୋଧକୁ ନ ବୁଝି କେବଳ ନୂଆ ପୋଷାକ ପିନ୍ଧି ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିବା, ତେବେ ତାହା ଆମ ସଂସ୍କୃତି ଉପରେ ଆଧୁନିକତାର କଳାପାହାଡ଼ କହିଲେ କିଛି ଭୁଲ୍ ହେବ କି? ଆମ ପାଇକ ଆଖଡ଼ା, ଗୋଟିପୁଅ, ଛଉ ନୃତ୍ୟ, ଓଡ଼ିଶୀ ବା ସମ୍ବଲପୁରୀ ନୃତ୍ୟ, ଆମ ବେଶଭୂଷା, ଆତିଥ୍ୟତା, ଖାଦ୍ୟପେୟ ଆମ ଢଙ୍ଗରଙ୍ଗରେ ସଂସ୍କୃତିର ଯେଉଁ ମହକ ଅଛି, ତାହାକୁ ଆଧୁନିକତା ଯେମିତି କୋଣଠେସା ନ କରିଦେଉ । ମୁଁ ଓଡ଼ିଆ, 'ଓଡ଼ିଶା ମୋ ଜନ୍ମମାଟି' ବା ଓଡ଼ିଆ ଭାଷା କହିବାକୁ ଆଜିର ଯୁବପିଢ଼ି ଯେମିତି ସଙ୍କୋଚ ନ କରନ୍ତୁ । ଆଧୁନିକତାର ଜାକଜମକରେ ଆମ ସଂସ୍କୃତି ଯେମିତି ମଳିନ ନ ପଡ଼ିଯାଉ, ତାହାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କର ।









## ଆମ ଶିକ୍ଷାରେ ଆଧୁନିକତାର କଳଙ୍କି



ଆମ ସଂସ୍କୃତି ହିଁ ଆମ ଶିକ୍ଷାର ଗ୍ରନ୍ଥାବଳୀ । ଯଦି ଆଧୁନିକତାର ବିଷବଳୟ ଆମ ସଂସ୍କୃତିକୁ ବିଷାକ୍ତ କରିବାରେ ଲାଗିଛି, ତେବେ ଆମ ଶିକ୍ଷା ସେଥିରୁ ବଞ୍ଚିବ କିପରି? ଆଧୁନିକୀକରଣ ଆମ ଶିକ୍ଷା ଉପରେ ବହୁମୁଖୀ ପ୍ରଭାବ ପକାଇଛି । ଏହି ଆଧୁନିକୀକରଣ କିଛି ସକରାତ୍ମକ ପରିବର୍ତ୍ତନ ଆଣିଥିବାବେଳେ, ଏହାର କିଛି ନକାରାତ୍ମକ ପ୍ରଭାବକୁ ଯତ୍ନର ସହ ବିଚାର ଏବଂ ପ୍ରଭାବଶାଳୀ ସମାଧାନର ଆବଶ୍ୟକତା ରହିଛି । ଆମ ଶିକ୍ଷାର ମୂଲ୍ୟବୋଧ ଏବଂ ପରିଚୟକୁ ବଞ୍ଚାଇ ରଖିବା ସହିତ, ଆଧୁନିକୀକରଣର ସକାରାତ୍ମକ ଦିଗଗୁଡ଼ିକ ଗ୍ରହଣ କରି, ଏକ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ସମ୍ପୂର୍ଣ୍ଣ ଭାରତର ପ୍ରାଚୀନ ଶିକ୍ଷାଶୈଳୀ ଓ ଶିକ୍ଷା ବ୍ୟବସ୍ଥାକୁ ଫେରିଯିବା, ତେବେ ଆମେ ଗୁରୁକୁଳ ଶିକ୍ଷା ସଂସ୍କୃତିକୁ ପାଇବା । ଗୁରୁକୁଳ ବିଦ୍ୟାଳୟ ଛାତ୍ରମାନଙ୍କର ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ରଖିଥିଲା, ଯେଉଁଥିରେ ସେମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ବିକାଶ ଅନ୍ତର୍ଭୁକ୍ତ ଥିଲା । ଗୁରୁକୁଳରେ ଛାତ୍ରମାନେ ନୈତିକ ମୂଲ୍ୟବୋଧ ସାଂସ୍କୃତିକ ଜ୍ଞାନ, ଜୀବନ କୌଶଳ ସହ ଜଡ଼ିତ ଜ୍ଞାନ ଏବଂ ସମ୍ପୂର୍ଣ୍ଣ ଶିକ୍ଷା ଗ୍ରହଣ କରୁଥିଲେ । ଗୁରୁକୁଳ, ସୁ-ସନ୍ତୁଳିତ ବ୍ୟକ୍ତିବିଶେଷ ସୃଷ୍ଟି କରୁଥିଲା । ସେଇ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ଯଦି ଆଜିକା ଶିକ୍ଷା ସହିତ ତୁଳନା କରିବା, ତେବେ ଆଜିର ଶିକ୍ଷା, ଯନ୍ତ୍ରମାନବ ସୃଷ୍ଟି କରୁଛି । ଆଧୁନିକୀକରଣ ବଶୀଭୂତ ହୋଇ ବଦଳି ଗଲେଣି ଗୁରୁ, ଶିଷ୍ୟ ଓ ବଦଳିଗଲାଣି ସେମାନଙ୍କର ସମ୍ପର୍କ, ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷାଦାନର ଲକ୍ଷ୍ୟ । ଆଜିକାଲିକା ଆଧୁନିକ ଯୁଗରେ ଗୁରୁଙ୍କ ମହତ୍ତ୍ୱ ଧୀରେ ଧୀରେ ଫିକା ପଡ଼ି ଚାଲିଲାଣି । ଭୁଲ୍ ଠିକ୍‌ର ପାର୍ଥକ୍ୟ, ଭଲମନ୍ଦର ଭେଦଭାବ, ପରିସ୍ଥିତି ସାଙ୍ଗରେ ଲଢ଼ିବାର ସାହସ, ସମୟ ସହିତ କାମ କରିବାର ତାଲିମ୍, କର୍ତ୍ତବ୍ୟପରାୟଣତା, ସହନଶୀଳତା, ସୃଜନଶୀଳତା, ପରୋପକାରିତା, ମାନବିକତା ଭଳି ମାନବ ସୁଲଭ ଗୁଣକୁ ମଣିଷ ଭିତରେ ରୋପଣ କରିବାର ଦକ୍ଷତା, ଗୁରୁ ଓ ତାଙ୍କର ଶିକ୍ଷାଦାନରେ ରହିଛି ବୋଲି ଆମେ ଭୁଲି ଭୁଲି ଚାଲିଲେଣି । ସମୟର ପରିବର୍ତ୍ତନ ସହିତ ଆଜି ପ୍ରଶ୍ନ ଉଠେ ଯେ, କ'ଣ ମଣିଷ ଛୁଆ ଆଉ ମଣିଷ ଛୁଆ ହୋଇ ରହିଛି ଯେ, ସେ ଏଇ ସବୁ ମହତ କଥା ବା ଗୁରୁଙ୍କ ମହତ୍ତ୍ୱକୁ ବୁଝିପାରିବ? ମଣିଷ ତ ଆଜିକାଲି ମେସିନ୍ ହେଇଗଲାଣି ଓ ସେଇ ଯନ୍ତ୍ରମାନବ କେବଳ ଯନ୍ତ୍ରକୁ ହିଁ ନିଜର ଗୁରୁ ମଣିପାରିବ, ଯାହା ପାଇଁ ଦାୟୀ ଆମ ଶିକ୍ଷାଦାନ, ଶିକ୍ଷା ବ୍ୟବସ୍ଥା ଓ ଆଧୁନିକ ଗୁରୁ । ଆଜିକାଲି ପାଠପଢ଼ା ବା ଶିକ୍ଷାଦାନ କେବଳ ଭଲ ନମ୍ବର, ଚାକିରି, ଦରମା, ଘର, ଗାଡ଼ି, ଧନ, ଦୌଲତ ପର୍ଯ୍ୟନ୍ତ ସୀମିତ ହୋଇ ଚାଲିଲାଣି । ଆମ ଆଧୁନିକ ଶିକ୍ଷା ଏକ ଧନୀ ମଣିଷ ତିଆରି କରିପାରୁଛି, କିନ୍ତୁ ଭଲ ମଣିଷ ତିଆରି କରିପାରୁଛି କି ନାହିଁ, ତାହା ସନ୍ଦେହଜନକ । ଆଜିର ଏହି ବସ୍ତୁବାଦୀ ସମୟରେ ଶିକ୍ଷାଦାନ କରୁଥିବା ଗୁରୁ ଓ ଶିକ୍ଷା ଗ୍ରହଣ କରୁଥିବା ଶିଷ୍ୟ ଉଭୟ କେବଳ ଧନ ଓ ଅଧିକ ଧନର ସ୍ୱପ୍ନ ଦେଖୁଛନ୍ତି, ଯାହାକୁ ସୁହାଉଛି ଆମ ଆଧୁନିକ ଶିକ୍ଷା ବ୍ୟବସ୍ଥା । ସେଥିଲାଗି ବିଦ୍ୟାଳୟରେ ଶିକ୍ଷକ ପାଠ ନ ପଢ଼ାଇ ଟ୍ୟୁସନରେ ପଢ଼ାଉଛନ୍ତି, ଓ ପିଲାମାନେ ଜ୍ଞାନ ଆହରଣ ଲାଗି ପାଠ ନ ପଢ଼ି କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଢୁଛନ୍ତି, ଯେମିତି ପରବର୍ତ୍ତୀ ସମୟରେ ସେଇ ପରୀକ୍ଷାରେ ପାଇଥିବା ଅଙ୍କକୁ ବିକି ଧନ ଉପାର୍ଜନ କରିପାରିବେ । ଆଗରୁ ଶିକ୍ଷା, ପିଲାଙ୍କୁ ପ୍ରତିକୂଳ ପରିସ୍ଥିତି ସାଙ୍ଗରେ ଲଢ଼ିବା ଶିଖାଉଥିଲା, ସମ୍ବେଦନଶୀଳ ସମୟରେ ନିଜ ଆତ୍ମବିଶ୍ୱାସକୁ ଦୃଢ଼ ରଖିବାର ତାଲିମ୍ ଦେଉଥିଲା, ଜୀବନ ସଂଘର୍ଷରେ ହାରିଗଲେ ପୁନଃ ଏକ ନୂଆ ଅଧ୍ୟାୟ ଲେଖିବାର ସାହସ ଦେଉଥିଲା, ଫଳର ଆଶା ନ କରି କର୍ତ୍ତବ୍ୟପରାୟଣତାର ଜ୍ଞାନ ଦେଉଥିଲା, ନିଜ ଭାଗ୍ୟ ନିଜେ ଲେଖିବାର ଗୁରୁ ମନ୍ତ୍ର ଦେଉଥିଲା । ହେଲେ ଆଧୁନିକ ଯୁଗ ଶିକ୍ଷାରେ ଏଇ ସବୁ ମିଳିବା କଷ୍ଟ । ଯେଉଁଥିପାଇଁ ଆମ ପିଲାମାନେ ପାଠ ପାଇଁ ଆତ୍ମହତ୍ୟା କରୁଛନ୍ତି । ଆଧୁନିକ ଶିକ୍ଷା ଏତେ ପ୍ରତିଯୋଗିତାମୂଳକ ଯେ, ଆମେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ଭୁଲି ଯାଉଛନ୍ତି । ଶିକ୍ଷା କେବଳ ପରୀକ୍ଷାରେ ଭଲ ଅଙ୍କ ରଖିବା ନୁହେଁ ବରଂ ଜୀବନ ଅଙ୍କର ସମାଧାନ ବାହାର କରିବା । ଶିକ୍ଷା କେବଳ ପଇସା ରୋଜଗାର



କରିବା ନୁହେଁ, ବରଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା । ଆଧୁନିକ ଯୁଗର ଶିକ୍ଷା ଏତେ ସମୃଦ୍ଧ ଯେ ଆମେ ଚନ୍ଦ୍ରପୃଷ୍ଠକୁ ଯାଇପାରୁଛନ୍ତି, ବିଜ୍ଞାନ ବଳରେ ଆମେ ନୂତନ ଆବିଷ୍କାର କରିପାରୁଛନ୍ତି, ପ୍ରଯୁକ୍ତି ବିଦ୍ୟାବଳରେ କୃତ୍ରିମ ବୁଦ୍ଧି ପ୍ରୟୋଗ କରିପାରୁଛନ୍ତି, ମେସିନ ବଳରେ କଠିନରୁ କଠିନ କାମ ସହଜରେ କରି ପାରୁଛନ୍ତି ସତ, ହେଲେ ଏଇଠି ପ୍ରଶ୍ନ ଆସେ ଯେ, ଆଣବିକ ବା ଜୈବିକ ଯୁଦ୍ଧର ଭୟ କାହିଁକି ରହୁଛି ? ଜଳବାୟୁ ପରିବର୍ତ୍ତନର ଭୟ କାହିଁକି ଖାଉଛି ? କାହିଁକି ଅତ୍ୟାଧୁନିକ ଜ୍ଞାନକୌଶଳରେ ନବନିର୍ମିତ ପୋଲ, ସୁଡ଼ଙ୍ଗ,ବନ୍ଧ,ରାସ୍ତା,ଭୁଶୁଡ଼ି ପଡୁଛି ? କାହିଁକି କୃତ୍ରିମ ବୁଦ୍ଧି ମଣିଷଠାରୁ ତା'ର ସ୍ଥାନ ନେବାରେ ଲାଗିଛି ? କାହିଁକି ଆଜି ମଧ୍ୟ ଆମେ ଦାରିଦ୍ର୍ୟତା ବିରୋଧରେ ଲଢୁଛନ୍ତି ? କାହିଁକି ଆମ ପିଲା ଆତ୍ମହତ୍ୟା କରୁଛନ୍ତି ? ଏଭଳି କେତେ ପ୍ରଶ୍ନ ଅଛି, ଯାହାର ଉତ୍ତର ଆଧୁନିକ ଶିକ୍ଷା ପାଖରେ ନାହିଁ । କାରଣ, ଆଧୁନିକ ଶିକ୍ଷାରେ ନୈତିକତା ବା ନୈତିକ ମୂଲ୍ୟବୋଧର ଅଭାବ ରହୁଛି । ଆଧୁନିକତାର ପ୍ରଭାବରେ ବର୍ତ୍ତମାନର ଶିକ୍ଷା ସମସ୍ତଙ୍କୁ ଶିକ୍ଷିତ ତ କରିପାରିବ, ହେଲେ ସେଇ ଶିକ୍ଷିତ ଆଧୁନିକ ମଣିଷ ଶିକ୍ଷାର ବ୍ୟବହାର କରିପାରିବ ବା କରିପାରୁଛି କି ନାହିଁ, ତାହା ଜାଣିବା ଆବଶ୍ୟକ ।

ଆମ ସଂସ୍କୃତି ହିଁ ଆମକୁ ଉଚିତ ଶିକ୍ଷା ଦେଇ, ଆମକୁ ଏକ ନୂଆ ପରିଚୟ ଦିଏ । ଆମ ସଂସ୍କୃତିକୁ ସମୃଦ୍ଧ କରିବାର କର୍ତ୍ତବ୍ୟ ଆମ ଶିକ୍ଷାର । ଯଦି ଆମେ ଆମ ସଂସ୍କୃତିକୁ ଭୁଲିଯିବା, ତେବେ ଆମ ଶିକ୍ଷାର ମୂଲ୍ୟ କିଛି ରହିବ ନାହିଁ । ଆମ ସଂସ୍କୃତି ଓ ଆମ ଶିକ୍ଷା ଆମ ହାତରେ, ଯାହାକୁ ଆଧୁନିକତାର କୁପ୍ରଭାବରୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ । ସେଇ ଆଧୁନିକୀକରଣକୁ କୁସଂସ୍କାର ଓ ନିରକ୍ଷରତା ବିରୁଦ୍ଧରେ ଲଢ଼ିବାକୁ ଅସ୍ତ୍ର କରି ଦେଲେ, ଆମେ ସଶକ୍ତ ହୋଇପାରିବା । ■

# ପରିଧାନରେ ପାଶ୍ଚାତ୍ୟ ଶୈଳୀ

ପୋଷାକର ଆବଶ୍ୟକତା କେବେ ଓ କାହିଁକି- ଆମେ ପଢ଼ି ଆସିଛେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ପ୍ରଧାନ ଆବଶ୍ୟକତା। ଜୀବନଧାରଣ କରିବାକୁ ପ୍ରତ୍ୟେକ ଜୀବ ଖାଦ୍ୟ ଆବଶ୍ୟକ କରନ୍ତି। କିନ୍ତୁ ମଣିଷ ଏକମାତ୍ର ଜୀବ ଯେ ନିଜର ଆକାର ଓ ପ୍ରକୃତି ଅନୁଯାୟୀ ପୋଷାକ ବା ବସ୍ତ୍ର ଆବଶ୍ୟକ କରେ। ଖରା, ବର୍ଷା, ଶୀତ, କାକର, ଧୂଳିମଳି, ରୋଗ ସଂକ୍ରମଣ, ବିଷାକ୍ତ ଜିନିଷ ବା ଜୀବମାନଙ୍କଠାରୁ ଶରୀରକୁ ନିରାପତ୍ତା ଯୋଗାଇଦେବା ପାଇଁ ପୋଷାକର ବ୍ୟବହାର ଅପରିହାର୍ଯ୍ୟ। ସେ କାରଣରୁ ମଣିଷର ପ୍ରଧାନ ଆବଶ୍ୟକତା ମଧ୍ୟରୁ ଏହାର ସ୍ଥାନ ଦ୍ୱିତୀୟରେ। ବରଫ ଯୁଗରେ ଅତିଶୟ ଥଣ୍ଡା ଅନୁଭୂତ ହେଉଥିବାରୁ ମଣିଷ ନିଜ ଶରୀର ପାଇଁ ଆବରଣ ଚାହିଁଥିବ। ନିଆଁର ବ୍ୟବହାର ପୂର୍ବରୁ ସେ ଥଣ୍ଡା ବର୍ଷା ବା ଖରାରୁ ରକ୍ଷା ପାଇବା ପାଇଁ ଚିନ୍ତା କରିଥିବ। ଯାହାର ଫଳଶ୍ରୁତି ହେଉଛି ବସ୍ତ୍ରର ଉଦ୍ଭାବନ। ସେଥିପାଇଁ ସେ ପ୍ରାକୃତିକ ଜିନିଷ ଉପରେ ନିର୍ଭର କରିଆସିଛି। ସେ ବନାଇଥିବା ବସ୍ତ୍ରର ଉପକାରିତା ଓ ଅପକାରିତା ରହିଥିବାରୁ କିମ୍ବା ଅନ୍ୟ ଅଭାବ ଅନୁଭୂତ ହୋଇଥିବାରୁ ପୁଣି ପରିବର୍ତ୍ତନରେ ଲାଗିପଡ଼ିଛି। ପୋଷାକକୁ ନବୀକରଣ କରିବା ପ୍ରୟାସରେ ସେ ଯୁଗରୁ ଏବେ ଯାଏଁ ପରୀକ୍ଷଣ ଚାଲିଆସିଛି ଓ ଆଗକୁ ଏମିତି ଚାଲୁଥିବ ମଧ୍ୟ।



ଡ.ମୌସୁମୀ ପରିଡ଼ା

ଦି ଅଷ୍ଟ୍ରେଲିଆନ୍ ନ୍ୟାସନାଲ୍ ୟୁନିଭର୍ସିଟିର ମାନବଶାସ୍ତ୍ର( ନୃତତ୍ତ୍ୱ ) ଓ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟାପକ ଇଆନ୍ ଗିଲିଗାନ୍‌ଙ୍କ ଅନୁଯାୟୀ ପ୍ରାୟ ୨ ଲକ୍ଷ ବର୍ଷ ପୂର୍ବେ ଆଧୁନିକ ମଣିଷମାନଙ୍କ ଆବିର୍ଭାବ ହୋଇଥିଲା। କିନ୍ତୁ ପୋଷାକର ବ୍ୟବହାର ବରଫ ଯୁଗ ( ପାଖାପାଖି ୧ଲକ୍ଷ ୨୦ ହଜାର ବର୍ଷ) ପୂର୍ବରୁ ଅର୍ଥାତ୍ ପାଖାପାଖି ୧ ଲକ୍ଷ ୮୦ ହଜାର ବର୍ଷ ତଳର ପୁରୁଣା। ଥଣ୍ଡାରୁ ରକ୍ଷା ପାଇବା ପାଇଁ ଭାଲୁ ବା ଅନ୍ୟ ଜୀବଜନ୍ତୁଙ୍କ ଚମଡ଼ାକୁ ସେ ସମୟର ମଣିଷ ଦେହରେ ଘୋଡାଇ ରଖୁଥିଲେ। ସେତେବେଳେ ଶରୀରକୁ ଆବୃତ୍ତ କରି ରଖିବା ସେମାନଙ୍କ ଆବଶ୍ୟକତା ଥିଲା। କ୍ରମଶଃ ପିନ୍ଧିବାରେ ସହଜତା ଓ ଯିବା ଆସିବା କରିବାରେ ଅନୁକୂଳତା ଆବଶ୍ୟକ ହେବାରୁ ଗଛର ପତ୍ର, ଘାସ, ବଳ୍କଳକୁ ଆବରଣ ରୂପେ ବ୍ୟବହାର କରାଗଲା। ସେସବୁ ବେଶି ସମୟ ପର୍ଯ୍ୟନ୍ତ ବ୍ୟବହାର କରିହେଉନଥିବାରୁ ପଶୁମାନଙ୍କ ଚମଡ଼ା ଅପେକ୍ଷାକୃତ ଦୀର୍ଘସ୍ଥାୟୀ ମନେହେଲା। ଆବଶ୍ୟକତା, ଆରାମପ୍ରଦ ଓ ଦୀର୍ଘସ୍ଥାୟୀତାକୁ ନେଇ ପୋଷାକର ରୂପରେଖ ବଦଳିଚାଲିଲା।



## ସଂକ୍ଷିପ୍ତ ଇତିହାସ

ଗୁମ୍ଫାରେ ଖୋଦିତ ପ୍ରାଚୀନ ଚିତ୍ର ଅନୁଯାୟୀ ୪ ଲକ୍ଷ- ୪୦ ହଜାର ବର୍ଷ ପୂର୍ବରୁ ନିୟଣ୍ଡରଥାଲ୍ ( ୟୁରୋପର ପୁରାତନ ପ୍ରସ୍ତର ଯୁଗର ମନୁଷ୍ୟ, ଯାହାର କପାଳ ପଛକୁ ଢଳିଲା ପରି ଏବଂ ଭ୍ରୂ-ହାଡ଼ ବେଶ୍ ଚଉଡ଼ା ଓ ଉଚ୍ଚ) ପ୍ରାଚୀନ ମଣିଷ-ପ୍ରଜାତି, ପ୍ରଥମେ ପଶୁମାନଙ୍କ ଚମଡାରୁ ପ୍ରସ୍ତୁତ ସୂତାକୁ ବ୍ୟବହାର କରି ପୋଷାକ ବନେଇବା କରିଥିଲେ। ପଥର କିମ୍ବା ପଶୁମାନଙ୍କ ହାଡରୁ ପ୍ରସ୍ତୁତ ମୁନିଆ ଜିନିଷ ଦ୍ୱାରା ପ୍ରଥମେ କଣାକରି ଚମଡ଼ା ସୂତାରେ ଗଣ୍ଠି ପକେଇ ପୋଷାକ ବନାଉଥିଲେ। ୧୯୧୩ ମସିହାରେ ଇଜିପ୍ଟର କାଏରୋଠାରେ ଖନନ ଦ୍ୱାରା ମିଳିଥିବା ଗୋଟେ ମମିଠାରୁ ଚିହ୍ନଟ କରାଯାଇଥିବା ତରଖାନ୍ ପୋଷାକକୁ ପ୍ରଥମ ହାତବୁଣା ପୋଷାକ ବୋଲି ଅନୁମାନ କରାଯାଏ, ଯାହା ପ୍ରାୟ ୫ ହଜାର ବର୍ଷ ତଳ ପୁରୁଣା। ଅର୍ଥାତ୍ ହାତବୁଣା ପୋଷାକର ଇତିହାସ ବେଶ୍ ପ୍ରାଚୀନ।

ସମୟାନୁକ୍ରମେ ସଂସ୍କୃତି, ପରମ୍ପରା, ପସନ୍ଦ ଓ ଆର୍ଥିକ ସ୍ୱଚ୍ଛଳତା ଅନୁସାରେ ପୋଷାକର ଇତିହାସ ତଥା ରୂପରେଖ, ଆକାର, ପ୍ରକାର, ରଙ୍ଗ, ଭେଦ ଇତ୍ୟାଦି ବିବର୍ତ୍ତିତ ହେଲା। ଅବଶ୍ୟ ମଣିଷ ସେତେବେଳେ ଆଧୁନିକ ହେଲା ଯେତେବେଳେ ନିଆଁର ବ୍ୟବହାର ଜାଣିବା ସହିତ ସମାଜ ଗଠନ କରି ଛୋଟ ଛୋଟ ଦଳରେ ରହିବାକୁ ଲାଗିଲା। ନିଜ ନିରାପତ୍ତା ପାଇଁ ଘର ସହିତ ଖାଦ୍ୟଶସ୍ୟ ଗଚ୍ଛିତ କରିବା ଶିଖିଲା। ସେତେବେଳେ ଖାଦ୍ୟର ପ୍ରକାରଭେଦ ସହିତ ପୋଷାକ ଓ ଜୀବନ ଶୈଳୀ ମଧ୍ୟ ପ୍ରଭାବିତ ହୋଇଥିଲା। କ୍ରମଶଃ ପୋଷାକ ପିନ୍ଧିବାରେ ମାର୍ଜିତ ହେଲା। ଗଛରୁ ପ୍ରସ୍ତୁତ ତନ୍ତୁ, ସୂତା, ଚମଡ଼ା, ସିଲ୍କ, ଝୋଟ, ମେଣ୍ଢା ଲୋମ ବା ପଶମରୁ ପୋଷାକ ପ୍ରସ୍ତୁତ କରିବା ଆରମ୍ଭ କଲା। ପ୍ରତ୍ନତତ୍ତ୍ୱବିଦଙ୍କ ଅନୁସାରେ ଖ୍ରୀ.ପୂ. ୭୦୦୦ରୁ ହସ୍ତତନ୍ତ ପୋଷାକ ବ୍ୟବହାର ହୋଇଆସୁଛି।









## ପ୍ରକାରଭେଦ

କାଳକ୍ରମେ ଲୋକମାନେ ବିଭିନ୍ନ ଦେଶ ବା ପ୍ରଦେଶକୁ ନିଜ ସ୍ଥାନ ରୂପେ ଗ୍ରହଣକରି ଭିନ୍ନ ଭିନ୍ନ କିସମର ପୋଷାକ ପ୍ରସ୍ତୁତ କଲେ। ତା' ପୁଣି ଧର୍ମ, ପ୍ରାନ୍ତ, ବର୍ଣ୍ଣ ଅନୁଯାୟୀ ସ୍ୱତନ୍ତ୍ରତା ବହନ କଲା। ନାରୀ, ପୁରୁଷ, ଛୋଟପିଲାଙ୍କ କ୍ଷେତ୍ରରେ ପୋଷାକର ରୂପରେଖ ବଦଳିଲା। ପ୍ରାୟତଃ ଭୌଗୋଳିକ ସ୍ଥିତି, ଋତୁଚକ୍ର ବା ପାଣିପାଗକୁ ନେଇ ପୋଷାକର ପ୍ରକାରଭେଦ ସୃଷ୍ଟି ହେଲା। ପ୍ରାଚ୍ୟରେ ଅପେକ୍ଷାକୃତ କମ୍ ଥଣ୍ଡା ପ୍ରବାହ ବା ଗ୍ରୀଷ୍ମପ୍ରଧାନଦେଶ ହେତୁ ସେମାନଙ୍କ

ପୋଷାକ, ଶୀତପ୍ରଧାନ ପାଶ୍ଚାତ୍ୟଦେଶମାନଙ୍କଠାରୁ ଭିନ୍ନ। ବିଭିନ୍ନ ଧର୍ମାବଲମ୍ବୀମାନେ ନିର୍ଦ୍ଦିଷ୍ଟ ଧରଣର ପୋଷାକ ଦ୍ୱାରା ନିଜର ସ୍ୱତନ୍ତ୍ରତା ବଜାୟ ରଖିଲେ। ଦେଶ ଦେଶମାନଙ୍କ ଭିତରେ ବାଣିଜ୍ୟିକ ବା ବୃତ୍ତିଗତ କାରବାର ହେତୁ ଲୋକମାନଙ୍କ ଯିବାଆସିବା, ଏକାଠି କାମ କରିବା, ରହିବା ଓ ଭାବ ବିନିମୟ ଦ୍ୱାରା ଜଣକର ପୋଷାକ ଶୈଳୀ ଅନ୍ୟଜଣକୁ ପ୍ରଭାବିତ କଲା। ସେଥିପାଇଁ ପସନ୍ଦ ଓ ଗ୍ରହଣୀୟତା ମଧ୍ୟ ପ୍ରଭାବିତ ହେଲା।

ପରମ୍ପରା ବା ସଂସ୍କୃତିର ପରିଚାୟକ ଭାବେ ପରିଗଣିତ ହେଉଥିବା ପୋଷାକ ପରିଧାନ କ୍ରମଶଃ ଆବଶ୍ୟକତା ଓ ଉଦାରତା ଭିତ୍ତିରେ ବ୍ୟବହାର ହେବାରେ ଲାଗିଲା। ପୋଷାକ ଚୟନ ବା ଗଢ଼ଣ କେବଳ ଧର୍ମୀୟ ଆଧାରରେ ନୁହେଁ, ଆରାମଦାୟକ ବନାଯାଉଥିବାରୁ ଅନ୍ୟଧର୍ମର ଲୋକେ ବି ଏହାକୁ ଅଚିରେ ଆଦରିନେଲେ। ପୋଷାକ ଚୟନକୁ ନେଇ ଲୋକମାନଙ୍କ ମନରେ ସଂକୀର୍ଣ୍ଣତା ରହିଲାନି। ପ୍ରାଚ୍ୟଲୋକେ ପାଶ୍ଚାତ୍ୟ ପୋଷାକ ସହିତ ପାଶ୍ଚାତ୍ୟ ଦେଶ ପ୍ରାଚ୍ୟର ପୋଷାକକୁ ଗ୍ରହଣ କରିନେଲେ। ଆଜିକାଲି ଆମେ ସବୁ ପ୍ରକାରର ପୋଷାକ ପିନ୍ଧିପାରୁଛୁ। ଏବେ ପୋଷାକ, ଶରୀରର ଅଭିନ୍ନ ଅଂଶ ପାଲଟିଯାଇଛି। ଶରୀରକୁ କେବଳ ନିରାପତ୍ତା ଯୋଗାଇଦେବା ପାଇଁ ପୋଷାକର ବ୍ୟବହାର ଅପେକ୍ଷା ରୁଚିକର ଓ ସମ୍ଭ୍ରାନ୍ତୀୟ ଛାପ ଦେବାକୁ ଅଧିକ ଚେଷ୍ଟା କରାଯାଉଛି। ପୁଣି ଦେହକୁ ଆରାମଦାୟକ କରିବା ପାଇଁ ସମୟାନ୍ତରରେ ବିଭିନ୍ନ ପରୀକ୍ଷଣ ହେଉଛି। କହିବା ବାହୁଲ୍ୟ ପୋଷାକକୁ ନେଇ ଭିନ୍ନ ଭିନ୍ନ ପରୀକ୍ଷଣ ଚାଲିଆସିଛି, ଯାହା ଅଧୁନା ମଧ୍ୟ ବଳବତ୍ତର।

ରଙ୍ଗକୁ ନେଇ ମଧ୍ୟ ବିଭିନ୍ନ ପରୀକ୍ଷଣ ହୋଇଚାଲିଛି। ବିବାହ ସମୟର ପୋଷାକର ରଙ୍ଗ କାହାର ମୃତ୍ୟୁ ଅବସରରେ ଯୋଗଦେବା ପାଇଁ ପିନ୍ଧୁଥିବା ପୋଷାକର ରଙ୍ଗଠାରୁ ଭିନ୍ନ ହେବା ଉଚିତ। ପୂଜା ସମୟରେ ପିନ୍ଧୁଥିବା ପୋଷାକ ଓ ରଙ୍ଗ ଅନ୍ୟ ସମୟର ପୋଷାକ ଓ ରଙ୍ଗଠାରୁ ଭିନ୍ନ ହେଉଛି। ଅଫିସ୍ ବା କାର୍ଯ୍ୟସ୍ଥଳୀରେ ବ୍ୟବହାର କରୁଥିବା ପୋଷାକ ଘରେ ବ୍ୟବହାର କରୁଥିବା ପୋଷାକଠାରୁ ଭିନ୍ନ। ପୁଣି ପରିଭ୍ରମଣରେ, ମନ୍ଦିରକୁ ଦର୍ଶନାର୍ଥେ, ନାଚକୁଦ, ଖେଳ, ପହଁରା, ବିବାହ ବ୍ରତ, ଏପରିକି ନିର୍ଦ୍ଦିଷ୍ଟ ପର୍ବପର୍ବାଣି, ଓଷାବ୍ରତ ଆଦି ବିଭିନ୍ନ ସମୟରେ ବିଭିନ୍ନ ଧରଣର ପୋଷାକ ପନ୍ଧିବାକୁ ହୁଏ। ଏହାର ଆମ ସଂସ୍କୃତି ପରମ୍ପରା ସହିତ ନୂତନତାକୁ ଆଦରିନେବାର ଉଦାରତା। ସେହିପରି ବିଭିନ୍ନ ଜାତିର ଖେଳ, ନାଚକୁଦ, ପହଁରା ସମୟରେ କମ୍ ତଥା ଆରାମଦାୟକ ବସ୍ତ୍ର ପରିଧାନ କରିବା ଉଚିତ। ଶୀତଦିନେ ଯାହା ପିନ୍ଧାଯାଏ ଗ୍ରୀଷ୍ମବେଳେ କିମ୍ବା ବର୍ଷା ସମୟରେ ବି ତାହା ପିନ୍ଧିବା ସଂଭବ ନୁହେଁ। ତେଣୁ ଋତୁ ଅନୁଯାୟୀ ପୋଷାକର ଚୟନ ଓ ପରିଧାନ ବଦଳିଯାଏ।

ଆମ ଦେଶର ପ୍ରାୟତଃ ମୁନିଋଷିମାନେ ଗୈରିକ ରଙ୍ଗର ବସ୍ତ୍ର, ହିନ୍ଦୁ-ନାରୀମାନେ ବିଭିନ୍ନ ଶୈଳୀର ଶାଢ଼ି ପିନ୍ଧୁଥିଲାବେଳେ, ପୁରୁଷମାନେ କୁର୍ତ୍ତା ପାଇଜାମା, ଧୋତି, ପଗଡ଼ି ଓ ଶିଖ୍ ଧର୍ମର ସ୍ତ୍ରୀ ଲୋକମାନେ ସାଲୱାର କମିଜ୍ ସହ ପୁରୁଷମାନେ ମଧ୍ୟ ପଗଡ଼ି ବ୍ୟବହାର କରୁଥିଲେ। ମୁସଲିମ୍ ସ୍ତ୍ରୀ ଓ ଝିଅମାନେ ସାଲୱାର କମିଜ୍ ବା ଶାଢ଼ି ସହିତ ବୁର୍ଖା ପିନ୍ଧିବାବେଳେ ପୁରୁଷମାନେ ପଠାନି ସୁଟ୍ ପିନ୍ଧୁଥିଲେ। ଛୋଟ ଝିଅମାନଙ୍କୁ ( ଫ୍ରକ୍ ବା ପରି କିଛି) ଛୋଟ ପୁଅମାନଙ୍କୁ ( ଛୋଟ କୁର୍ତ୍ତା ପାଇଜାମା) ଇତ୍ୟାଦି ପିନ୍ଧାଯାଉଥିଲା। ତେବେ ବିଭିନ୍ନ ଧର୍ମାବଲମ୍ବୀ ପୁରୁଷମାନେ ପରିଧାନ କରୁଥିବା ସାଲୱାର କମିଜ୍ ଓ ପଗଡ଼ିରେ ବି ଭିନ୍ନତା ରହିଆସିଛି, ତାହା ହେଉଛି ସ୍ୱାତନ୍ତ୍ର୍ୟ।

# ଆଧୁନିକତା ଓ ଅତ୍ୟାଧୁନିକତା





ହସ୍ତତନ୍ତ ପୋଷାକ କୁଶଳୀ, ଅର୍ଦ୍ଧକୁଶଳୀ ବା ଅଣକୁଶଳୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବାରୁ ଏହା କ୍ରମଶଃ ବ୍ୟୟବହୁଳ ଓ ସମୟସାପେକ୍ଷ ହୋଇପଡ଼ିଲା। ସମସ୍ତଙ୍କ ଚାହିଦା ମେଂଟେଇବାରେ ଅସମର୍ଥ ହେବାରୁ ତା'ର ବିକଳ୍ପ ଚିନ୍ତା କରାଗଲା। ଅବଶ୍ୟ ଆଜି ବି ତନ୍ତବୁଣା ପୋଷାକର ବିଶେଷ ଚାହିଦା ରହିଆସିଛି। ବ୍ୟୟବହୁଳ ହେଲେ ମଧ୍ୟ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ମନପସନ୍ଦର ଜିନିଷ ପିନ୍ଧି ନିଜ ପଦମର୍ଯ୍ୟାଦା ଓ ପ୍ରତିଷ୍ଠା ପ୍ରମାଣିତ କରିବାରେ ମାହିର୍। କାରଣ ଆଜିକାଲି ପୋଷାକ ନିଜ ରୁଚି ସହ ଆଭିଜାତ୍ୟକୁ ଦର୍ଶାଉଛି। ଜନସଂଖ୍ୟା ବୃଦ୍ଧି ସହିତ ବୁଣା କାରିଗରଙ୍କ ସଂଖ୍ୟା କମ୍ ହୋଇଥିବାରୁ ସମସ୍ତଙ୍କ ଚାହିଦା ମେଣ୍ଟାଇବା କଷ୍ଟକର ହୋଇପଡ଼ିଲା। ସେଥିପାଇଁ ଯନ୍ତ୍ର ଉପରେ ନିର୍ଭର କରିବାକୁ ହେଲା। ଆମ ଦେଶର ରାଜରାଜୁଡ଼ା ସମୟରେ ରାଜାମାନଙ୍କ ପରିଧାନ ସାଧାରଣ ପ୍ରଜାଠାରୁ ଭିନ୍ନ ଓ ଦାମିକା ଥିଲା। ସେହିପରି ରାଜକର୍ମଚାରୀମାନେ ମଧ୍ୟ ସାଧାରଣ ଜନତାଙ୍କଠାରୁ ଉନ୍ନତମାନର ପୋଷାକ ପିନ୍ଧୁଥିଲେ। ରାଜକର୍ମଚାରୀମାନଙ୍କ ଚିହ୍ନଟ ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାକୁ ଦିଆଯାଉଥିଲା। ସେହିପରି ରାଜପରିବାରର ସ୍ତ୍ରୀଲୋକମାନଙ୍କ ବେଶପୋଷାକ ସାଧାରଣ ମହିଳାଙ୍କଠାରୁ ଭିନ୍ନ ତଥା ଅସାମାନ୍ୟ ଥିଲା। କହିବାର ଅର୍ଥ ସେତେବେଳେ ପୋଷାକକୁ ନେଇ ଆଭିଜାତ୍ୟ ଆକଳନ ହେଉଥିଲା।

ପର୍ତ୍ତୁଗୀଜ୍, ଡଚ୍, ଫ୍ରେନ୍ଚ, ମୋଗଲ୍ ଓ ଇଂରେଜମାନେ ଆମକୁ ଶାସନ କରିବାରୁ ଆମ ମୌଳିକ ବେଶ ପୋଷାକରେ ପରିବର୍ତ୍ତନ ଆସିଲା। ଆମେମାନେ ସେମାନଙ୍କ ବେଶପୋଷାକରେ ପ୍ରଭାବିତ ହୋଇ ସେମାନଙ୍କ ପୋଷାକ ଶୈଳୀକୁ ଆପଣେଇବାରେ ଲାଗିଲୁ। ଫଳତଃ ଅଧୁନା ନିର୍ଦ୍ଦିଷ୍ଟ ପୋଷାକ ପରିପାଟୀର ସଂକୀର୍ଣ୍ଣତାରୁ ମଣିଷସମାଜ ଆଗକୁ ଯାଇ ଉଦାର ହୋଇପାରିଛି। ଯେକୌଣସି ପ୍ରାନ୍ତର ଲୋକେ ଅନ୍ୟ ପ୍ରାନ୍ତୀୟ ଲୋକଙ୍କ ପୋଷାକ ଶୈଳୀକୁ ଆପଣେଇ ନେଉଛନ୍ତି।

ଆମେ ସାଧାରଣତଃ ଲଜ୍ଜା ନିବାରଣ ପାଇଁ ବା ଦେହକୁ ଢାଙ୍କିବା ପାଇଁ ପୋଷାକ ପିନ୍ଧିବା ଉଚିତ ବୋଲି ଆମକୁ ପିଲାଦିନେ ଶିକ୍ଷା ଦିଆଯାଉଥିଲା। ପାରମ୍ପରିକ ପୋଷାକ ପିନ୍ଧିବା ଦ୍ୱାରା ଆମେ ମାର୍ଜିତ ଓ ଶୃଂଖଳିତ ଥିଲୁ। କାରଣ ଆମ ପରମ୍ପରା ବେଶ୍ ଉନ୍ନତ। ଶରୀରକୁ ଢାଙ୍କିବା ସହିତ ଆରାମଦାୟକ ପୋଷାକର ଅଭାବ ଅନୁଭୂତ ହେବାରୁ ପୋଷାକ ଉପରେ ଗବେଷଣା ଆରମ୍ଭ ହେଲା। ପୋଷାକ ଚୟନ ଓ ପରିଧାନରେ ଆଜିକାଲି ଅତ୍ୟାଧୁନିକତାର ସ୍ପର୍ଶ। ଆମ ଭାରତୀୟ ସଂସ୍କୃତି ପରମ୍ପରା ଅନୁଯାୟୀ ବେଶପୋଷାକ ପିନ୍ଧିବା କ୍ରମଶଃ ହ୍ରାସ ପାଉଛି।

ଗାଉନ୍‌ଠାରୁ ଆରମ୍ଭକରି ସ୍କର୍ଟ, ମିନିସ୍କର୍ଟ, କାପ୍ରି, ପୁଣି ପ୍ୟାଂଟ୍‌ଠାରୁ ଆରମ୍ଭ କରି ଟ୍ରାଉଜର୍, ଜିନ୍ସ, ଜଗର୍ସ, ଚିନନ୍‌ସ, ଟ୍ରାକ୍ ସୁଟ୍, ବରମୁଡା କାର୍‌ଗୋ ସର୍ଟସ୍, ୱାନ୍ ଥାର୍ଡ, ନିକର ପର୍ଯ୍ୟନ୍ତ ପୋଷାକର ଲମ୍ବା ପରିବର୍ଦ୍ଧିତ ସଂସ୍କରଣ। ଶାଢ଼ିରୁ ଲେହେଙ୍ଗା, ଘାଗେରା ଚୋଲି ଓ ସମୟାନୁସାରେ ଏସବୁ ମଧ୍ୟ ବିଭିନ୍ନ ରୂପ ନେଇସାରିଛି। କୁର୍ତ୍ତିର ପ୍ରତିରୂପ ଭାବେ ଅନାରକଲି, ଅଙ୍ଗରଖା, ଇଣ୍ଡୋ-ୱେଷ୍ଟର୍ଣ୍ଣ, ଗାଉନ୍, ୱାନ୍ ପିସ୍, କାଶ୍ମିରୀ, ଚିକନକରୀ, କଫତାନ୍ ଇତ୍ୟାଦିର ଚାହିଦା ଥିବାବେଳେ ପ୍ୟାଂଟ୍‌ର ପରିବର୍ତ୍ତିତ ରୂପ ଲେଗିଙ୍ଗ୍‌ସ, ଜେଗିଙ୍ଗ୍‌ସ, ପ୍ଲାଜୋ, ଲଙ୍ଗ୍ ସ୍କର୍ଟ, ସରାରା ଇତ୍ୟାଦିରେ ନେଇସାରିଛି। ଏପରିକି ଓଢ଼ଣି ବା ଚୁନ୍‌ରି ( ଚୁନି) ର ରଙ୍ଗ ଓ ବୁଣାରେ ବି ବିଭିନ୍ନତା ତଥା ଆଭିଜାତ୍ୟ ସୁସ୍ପଷ୍ଟ। ଡିମାଣ୍ଡ ଅନୁଯାୟୀ ମୂଲ୍ୟରେ ମଧ୍ୟ ତାରତମ୍ୟ ଦେଖାଦେଉଛି। ରଙ୍ଗ, ଲମ୍ବ, ଆକୃତି, ଉପାଦାନ ଓ ପ୍ରକାରକୁ ନେଇ ବିଭିନ୍ନ ପରୀକ୍ଷଣ ବେଶ୍ ଉତ୍ସାହପ୍ରଦ। ସମୟାନୁକ୍ରମେ ଶରୀରର ଆବଶ୍ୟକତା ବା ନିରାପତ୍ତା ଦୃଷ୍ଟିରୁ ବନାଯାଉଥିବା ପୋଷାକ ସୌନ୍ଦର୍ଯ୍ୟ ବୃଦ୍ଧିକରିବାର ମୁଖ୍ୟ ଉପାଦାନ ପାଲଟିଯାଇଛି। ଆଜିକାଲି ମଣିଷ ନିଜକୁ ବିତ୍ତଶାଳୀ, ପ୍ରଭାବଶାଳୀ ଓ ଆକର୍ଷକ ପ୍ରମାଣିତ କରିବା ସଉକ ପାଲଟିଯାଇଛି। ସେଥିପାଇଁ ସ୍ୱତନ୍ତ୍ର ଡିଜାଇନର୍ ପୋଷାକର ଚାହିଦା ବର୍ତ୍ତମାନ ଯୁଗରେ ବହୁତ।

ରଙ୍ଗ ଅନୁସାରେ ଆଜିକାଲି କଳା, ଘିଅ, ଗୋଲାପି, ଲାଲ୍ ରଙ୍ଗ ଲୋକପ୍ରିୟ ହୋଇଥିବାବେଳେ ଡେନିମ୍ ଫାବ୍ରିକ୍ ସହ କାଜୁଆଲ୍ ପୋଷାକର ବ୍ୟବହାର ଅଧିକ। ପୋଷାକର ଆକାର ଓ କଞ୍ଚାମାଲ୍‌ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ। ପାଶ୍ଚାତ୍ୟ ପୋଷାକରେ ପ୍ରାଚ୍ୟ ଝଲକ୍ ବା ତଦନୁରୂପ ଡିଜାଇନ୍ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିଛି। ବଡକଥା ହେଲା ସବୁବର୍ଗର ଲୋକମାନଙ୍କ ପକେଟ୍‌କୁ ସୁହାଇଲା ପରି ପୋଷାକ ମଧ୍ୟ ପ୍ରସ୍ତୁତ କରାଯାଉଛି। ଯୁବବର୍ଗ ବହୁଳ ମାତ୍ରାରେ ପାଶ୍ଚାତ୍ୟ ଶୈଳୀକୁ ଅନୁକରଣ କରୁଥିବାବେଳେ କେବେକେବେ ଦୃଷ୍ଟିକଟୁ ହେବାପରି ପୋଷାକ ପରିଧାନ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉପହାସ କଲାପରି ମନେହେଉଛି। ଆଜିକାଲିର ପରିଧାନ-ମାନସିକତା ଅଣପାରମ୍ପରିକ ଓ ବିକୃତ ମାନସିକତାର ପ୍ରତିଫଳନ ବୋଲି ଅନେକ ମତ ଦିଅନ୍ତି। ମନଲାଖି ପରିଧାନ ଓ ଭୋଜନ ପ୍ରତ୍ୟେକଙ୍କ ମୌଳିକ ଅଧିକାର ହେତୁ କୌଣସି ଲଗାମ୍ ରହୁନାହିଁ।



## ଡ୍ରେସ୍ କୋଡ୍

ସରକାରୀ ବା ବେସରକାରୀ ଚାକିରି କରିଥିବା ଲୋକେ, ସ୍ୱାସ୍ଥ୍ୟ କର୍ମଚାରୀ, ବିମାନ କର୍ମଚାରୀ, ଜଳ ସ୍ଥଳ ଓ ଆକାଶ ବାହିନୀର ସୈନିକ, ପାଇଲଟ୍, କିଛି ମନ୍ଦିରର ପୂଜକ ଓ ବିଭିନ୍ନ ବିଦ୍ୟାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଗୁହୋଇଥିବା ଡ୍ରେସ୍ କୋଡ୍ ମଧ୍ୟ ପୋଷାକ ପରିଧାନ ଶୃଂଖଳାର ଅଂଶବିଶେଷ, ଯାହା ମାଧ୍ୟମରେ ବ୍ୟକ୍ତିବିଶେଷଙ୍କ ପରିଚୟ ଓ ସ୍ୱତନ୍ତ୍ରତା ବଜାୟ ରହେ। ପୋଷାକଚୟନରେ ଉଭଟତା ପାଇଁ ବା ସମାଗ୍ରିକ ଶୃଂଖଳା ବଜାୟ ରଖିବାର ଏହି ପୁରୁଣା ପରମ୍ପରାଟି ଦ୍ୱାରା ବ୍ୟକ୍ତି-ସ୍ୱାଧୀନତା କ୍ଷୁଣ୍ଣ ହେଉଛି ବୋଲି କିଛିଲୋକ କୁହନ୍ତି। ଯାହା ବି ହେଉ, ପୋଷାକ ଆମ ଜୀବନର ପ୍ରଧାନ ଅଂଶ ଯାହା ଆମ ପରିଚୟ ଓ ରୁଚିକୁ ଦର୍ଶାଏ। ସେଥିପାଇଁ ପୋଷାକ ଚୟନ ବେଳେ ଗୁରୁତ୍ୱ ଦେବା ଆବଶ୍ୟକ।

ଏହା ବ୍ୟକ୍ତିତ୍ୱର ପରିମାପକ ହୋଇଥିବାରୁ ଚୟନବେଳେ ରୁଚିସମ୍ପନ୍ନତାକୁ ଭୁଲିଯିବା ଅନୁଚିତ। ଆମ ଦେଶ ସମ୍ପର୍କର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିବାରୁ ଅତ୍ୟାଧୁନିକତା ସହିତ ଶାଳୀନତା ବଜାୟ ରଖିବା ଆବଶ୍ୟକ। କଥାରେ ଅଛି- ନିଜ ପସନ୍ଦାନୁସାରେ ଖାଇବା, କିନ୍ତୁ ଅନ୍ୟ ଅନୁସାରେ ପିନ୍ଧିବା। ଆମେ ପିନ୍ଧୁଥିବା ପୋଷାକ ଯଦି ଆମ ସୌନ୍ଦର୍ଯ୍ୟବର୍ଦ୍ଧକ ହେବା ପରିବର୍ତ୍ତେ ସୌନ୍ଦର୍ଯ୍ୟହାନି କରେ, ତା'ର ଆବଶ୍ୟକତା କେତେ, ଭାବିବା ଉଚିତ। ଅତ୍ୟାଧୁନିକତା ପୋଷାକ ଚୟନ ବ୍ୟକ୍ତିଗତ-ସ୍ୱାଧୀନତା, କିନ୍ତୁ ଏହା ଉଚ୍ଛୃଙ୍ଖଳତା ସୃଷ୍ଟି ନକରୁ। ବ୍ୟକ୍ତିତ୍ୱର ପରିପ୍ରକାଶ ବା ପରିସ୍ଫୁଟନ କରୁଥିବା ପୋଷାକଟି ଅତ୍ୟାଧୁନିକ ହେଉ। ଅସଂଖ୍ୟ ପୋଷାକ ରହିଛି ଯାହା ଆମ ଗରିମା ବୃଦ୍ଧି କରିବା ସହିତ ଆମ ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱକୁ ବହୁଗୁଣିତ କରିପାରେ। କେବଳ ଦୃଷ୍ଟିଭଂଗୀ ବଦଳାଇବା ଜରୁରୀ। ■



ମାର୍ଫତ୍: ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ଜଗତସିଂହପୁର





ବୈକୁଣ୍ଠନାଥ ମିଶ୍ର

# ଆମେ ଆଉ ଆମର ନୋହୁ

ଭାରତୀୟ ସଂସ୍କୃତି ଓ ପରମ୍ପରା ସମଗ୍ର ବିଶ୍ୱରେ ଅନନ୍ୟ ।ଏହାର ଐତିହ୍ୟ ଥିଲା ଅତ୍ୟନ୍ତ ସମୃଦ୍ଧ ଓ ସମୁଜ୍ଜ୍ୱଳ । ମାତ୍ର ସମ୍ପ୍ରତି ଭାରତୀୟଙ୍କୁ ସାମନା କରିବାକୁ ହେଉଛି କିଛି ଅପାଂକ୍ତେୟ ଜୀବନଚର୍ଯ୍ୟା, ଯାହା ଆମ ପ୍ରଚଳିତ ସଂସ୍କୃତି ଓ ପରମ୍ପରାର ଘୋର ପରିପନ୍ଥୀ । ପ୍ରେମ ଭ୍ରାତୃତ୍ୱ ଓ ପ୍ରୀତି ପୂର୍ବକ ସୁଦୃଢ଼ ସାମାଜିକ ବନ୍ଧନ ଉଦ୍‌ବୁଦ୍ଧ କରୁଥିଲା ପ୍ରତିଟି ଭାରତୀୟ ଜନମାନସକୁ । ଭକ୍ତକବି ଲେଖିଲେ, 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର- ଯା'ର ପ୍ରାପତି ଯୋଗୁଁ ଦେବତା ନର ।' କିନ୍ତୁ କେବେଠାରୁ ଭାରତୀୟ ଉନ୍ନତ ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ି ଗଢ଼ିଉଠିଲା ଏକ ସଙ୍କୀର୍ଣ୍ଣ ମାନସିକ, ସାମାଜିକ ତଥା ପାରିବାରିକ ସଂରଚନା ଯାହା ଏହି ସୁନ୍ଦର ପରିବେଶକୁ କରିଦେଲା କୁତ୍ସିତ, କଦାକାର । ଭଗ୍ନ ହୋଇଛି ଅନାବିଲ ସ୍ନେହ ଆଦରର ପ୍ରତୀକ ଯୌଥ ପରିବାର ଓ ଗଢ଼ିଉଠିଛି ନିରସ ଏକକ ପରିବାର, ଯେଉଁଥିରେ ଅଛନ୍ତି କେବଳ ଯୁବଦମ୍ପତି ଓ ସୀମିତ ସଂଖ୍ୟକ ସନ୍ତାନସନ୍ତତି । ପିଲାମାନେ ବିବାହ କଲାପରେ ରଚନା କରୁଛନ୍ତି ତାଙ୍କର ସ୍ୱତନ୍ତ୍ର ନୀଡ଼, ଯାହା ବୃଦ୍ଧ ପିତାମାତାଙ୍କ ପାଇଁ ଏକ ନିଷିଦ୍ଧାଞ୍ଚଳ । ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ ଗ୍ରାସ କରିଛି ଭାରତୀୟ ସୁସ୍ଥ ପ୍ରାଚୀନ ପରମ୍ପରା ଓ ତାକୁ କରିଦେଇଛି ବୀଭତ୍ସ, କଦାକାର ଓ କୀଟଦ୍ରଷ୍ଟ । କନ୍ୟାପାଇଁ ଜାମାତା ଚୟନ କିମ୍ବା ପୁତ୍ରପାଇଁ ବଧୂ ଚୟନରେ ଆଉ ଆବଶ୍ୟକ ହେଉନାହିଁ ପିତାମାତାଙ୍କ ଅଭିଜ୍ଞ ମତାମତ । ପିତାମାତା ମଧ୍ୟ ନିଜ ଅଲୋଡ଼ା ସ୍ଥିତିକୁ ଲୁଚାଇବାକୁଯାଇ ଛଳନାମୟ କୃତ୍ରିମ ସମର୍ଥନର ସଙ୍କେତ ଦେଉଛନ୍ତି ।



ଆଜିର ବିବାହ ଏକ ପ୍ରହସନରେ ପରିଣତ ହୋଇଛି । ପରକୀୟା ପ୍ରୀତି ଓ ଦାମ୍ପତ୍ୟ ଜୀବନରେ ପାରସ୍ପରିକ ବିଶ୍ୱାସର ଅଭାବ ରୂପ ନେଉଛି ଛାଡ଼ପତ୍ର ପରି ଅଭାବନୀୟ ଘଟଣା । ଏକପତି କିମ୍ବା ଏକପତ୍ନୀ ବ୍ରତ ଦିନେ ଥିଲା ଭାରତୀୟ ପରମ୍ପରାର ଏକ ବଳିଷ୍ଠ ଅଙ୍ଗ । ପାଶ୍ଚାତ୍ୟ ରୀତି, ନୀତିର ପ୍ରଭାବ ଦାମ୍ପତ୍ୟ ଜୀବନର ପବିତ୍ରତାକୁ ନଷ୍ଟ କରିଦେଇଛି । ଏକକ ପରିବାରରେ ବୃଦ୍ଧ ପିତାମାତା ଦୟନୀୟ ଭାବେ ଅବହେଳିତ । ଜୀବନର ନାନା ଘାତପ୍ରତିଘାତ ସହି ଯେଉଁ ବାପ ମା' ପୁଅକୁ ମଣିଷ କରି ଦୁନିଆ ଦାଣ୍ଡରେ ଠିଆ କଲେ, ସେ ଆଜି ଭସ୍ମାସୁରର ଆଚରଣରେ ସନ୍ତ୍ରସ୍ତ । ଭାରତରେ ବୟସ୍କଙ୍କ ଆୟ ଓ ବ୍ୟୟଧାରାରେ ପରିବର୍ତ୍ତନ ସତ୍ତ୍ୱେ ତାଙ୍କ ପ୍ରତି ନିଜ ସନ୍ତାନଙ୍କ ଅତ୍ୟାଚାରର ମାତ୍ରା କ୍ଷିପ୍ର ବେଗରେ ବୃଦ୍ଧି ପାଉଛି । ଶ୍ରବଣକୁମାର ଓ ଶ୍ରୀରାମଙ୍କ ପରି ପୁତ୍ର ଆଜି ବିରଳ, ଏଜ୍ .ୱେଲ୍ ଫାଉଣ୍ଡେସନର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତୀୟ ବୃଦ୍ଧ ଓ ବୃଦ୍ଧାଙ୍କ ମଧ୍ୟରୁ ୬୦.୫ପ୍ରତିଶତ ସରକାରୀ ସେବାନିବୃତ୍ତ ପେନସନ୍ ଭୋଗୀ । ସେମାନଙ୍କର ଧନର ଆବଶ୍ୟକତା ନାହିଁ । କେବଳ ଟିକେ ପିଲାଙ୍କର ସ୍ନେହ, ସହାନୁଭୂତି ଓ ସାମୟିକ ସାହାଯ୍ୟ ସେମାନଙ୍କ ଜୀବନଧାରା ପାଇଁ ଯଥେଷ୍ଟ; ଯାହା ଆଜି ଘୋର ସଙ୍କଟରେ ।

ଭାରତୀୟ ପରମ୍ପରା ସବୁଦୃଷ୍ଟିରୁ ଥିଲା ସମୁନ୍ନତ । ସହଳ ଶଯ୍ୟାଧାରଣ ଓ ସହଳ ଶଯ୍ୟାତ୍ୟାଗ ଭାରତୀୟଙ୍କର ଥିଲା ଚିରାଚରିତ ଅଭ୍ୟାସ । " Early to bed and early to rise", makes you healthy, wealthy and wise." ଆଜି କିନ୍ତୁ ସବୁ ଓଲଟପାଲଟ । ଆଜିର ଯୁବଶକ୍ତି ସୂର୍ଯ୍ୟୋଦୟ ଦେଖନ୍ତି ନାହିଁ । ଶାସ୍ତ୍ର କହେ, ମା' ସରସ୍ୱତୀ ରାତ୍ରିର ଶେଷ ପ୍ରହରରେ ଭାରତର ପୂର୍ବ ଆକାଶରେ ସ୍ୱଚାର ଗମନ କରନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ପରିକ୍ରମା କରିଥିବାରୁ ମା'ଙ୍କର ଅନ୍ୟନାମ 'ବ୍ରାହ୍ମୀ' । ଏହି ବ୍ରାହ୍ମ ମୁହୂର୍ତ୍ତରେ ଯାହା ଅଧ୍ୟୟନ କରାଯାଏ ତାହା ଚିରଦିନ ସ୍ମୃତିରେ ସାଇତା ହୋଇଯାଏ । ଭାରତୀୟ ପରମ୍ପରାରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନୁସୃତ ସମସ୍ତ କର୍ମ ମହନୀୟ ଆଦର୍ଶ ଉପରେ ପ୍ରତିଷ୍ଠିତ ଥିଲା । ଜନ୍ମଦିନ ପାଳନରେ ପିଠାଗଢ଼ାଯାଇ ଓ ଦୀପ ଜଳାଇ ପିଲାର ଦୀର୍ଘ ଓ ସମୃଦ୍ଧ ଜୀବନ ପାଇଁ ପ୍ରାର୍ଥନା କରାଯାଉଥିଲା । କିନ୍ତୁ ତା' ସ୍ଥାନରେ କେକ୍ କାଟିବା ଓ ଦୀପ ଲିଭାଇବାର କୁତ୍ସିତ ପ୍ରଥାରେ ଆମେ କ୍ରମେ ପୀଡ଼ିତ ହେବାକୁ ଯାଉଛୁ । ଆମେ ସ୍ନେହ ବାଣ୍ଟୁ, ଖାଦ୍ୟବାଣ୍ଟୁ ଓ ପରସ୍ପର ମଧ୍ୟରେ ଦୁଃଖସୁଖ ବାଣ୍ଟୁ । ଆମର ଥିଲା ଏକ ସୁସଂହତ ବଣ୍ଟନ ପରମ୍ପରା । କେକ୍ କାଟିବା, ସମ୍ପର୍କ କାଟିବାପରି ବିଦେଶୀ ଚଳଣିରେ ଆମେ ଆଜି ଆକ୍ରାନ୍ତ । ଆମ ପରମ୍ପରାରେ ନଥିଲା ପତି କିମ୍ବା ପତ୍ନୀ ବଦଳାଇବା । ଆମେ ମତି ବଦଳାଉଥିଲୁ । ପତି କିମ୍ବା ପତ୍ନୀଙ୍କର ବ୍ୟବହାରକୁ ଲକ୍ଷ୍ୟକରି ଅନ୍ୟ ଜଣକ ନିଜକୁ ତଦନୁଯାୟୀ ସଂଶୋଧିତ କରୁଥିଲା ।

ପାଶ୍ଚାତ୍ୟ ଚଳଣି, ପୋଷାକ, ଖାଦ୍ୟ ଓ ଆଚାର ବ୍ୟବହାରକୁ ଭାରତୀୟମାନେ ଉନ୍ନତ ମନେକରି ସେଗୁଡ଼ିକୁ ଗ୍ରହଣ କରୁଥିବାବେଳେ ବିଦେଶୀମାନେ ଆମ ପରମ୍ପରାକୁ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରୁଛନ୍ତି । ଏହା ଏକ ବିଡ଼ମ୍ବନା ନୁହେଁ କି ? ନିକଟରେ ଗତ ଦୀପାବଳି ଦିନ ପୁରୀରେ ଜଣେ ନିଉଜିଲାଣ୍ଡ ଅଧିବାସୀ ଭାବବିହ୍ୱଳ ହୋଇ ପୂଜକଙ୍କ ସହ ସ୍ୱର ମିଳାଇ ବଡ଼ବଡୁଆ ଡାକୁଥିବାର ଦୃଶ୍ୟ ସତରେ ଦର୍ଶକଙ୍କୁ ଅଭିଭୂତ କରିଛି । ନିକଟରେ ଷ୍ଟାନ୍‌ଫୋର୍ଡ୍ ୟୁନିଭରସିଟି ପକ୍ଷରୁ ଦୀର୍ଘ ସାତବର୍ଷ ଧରି ଗବେଷଣା କରାଯାଇ ଏହି ନିଷ୍କର୍ଷ ବାହାରିଛି ଯେ ଶ୍ରୀମଦ୍‌ଭାଗବତ ଗୀତା ବିଶ୍ୱରେ ଏକନିଷ୍ଠ ନୀତି ସମ୍ବଳିତ ଗ୍ରନ୍ଥ, ଯେଉଁଥିରେ ସବୁ ଧର୍ମ ସବୁ ସମ୍ପ୍ରଦାୟ ପାଇଁ ଏକ ସୁନ୍ଦର ଜୀବନଯାପନର ମାର୍ଗ ନିର୍ଦ୍ଦେଶିତ ହୋଇଛି ।

ଶେଷରେ ମଦ୍ୟପାନ ଓ ନିଶାଦ୍ରବ୍ୟ କିପରି ସାଧୁସନ୍ଥର ଦେଶ ଭାରତୀୟଙ୍କୁ ଆକ୍ରାନ୍ତ କରିଛି, ତାହା ଭାବିଲେ ନିଜକୁ ବଡ଼ କଷ୍ଟ ଲାଗେ । ଏହା ମଧ୍ୟ ବିଦେଶାଗତ । ପ୍ରଥମେ ୧୭ ୯୦ମସିହାରେ ରବର୍ଟ କ୍ଲାଇଭ୍ ଇଂଲଣ୍ଡରୁ ମଦ ଆଣି କଲିକତାରେ ବିକ୍ରି କରାଇବାର ବ୍ୟବସ୍ଥା କରିଥିଲେ । ତତ୍ ପୂର୍ବରୁ କେବଳ ରାଜା, ମହାରାଜା ଓ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତି ଏହାକୁ ପାନ କରୁଥିଲେ । ଶାସ୍ତ୍ର କହେ, ଦେବତାମାନେ ଅମୃତ ଭକ୍ଷଣ କରୁଥିଲେ, ମଣିଷ ଅନ୍ନ ଭକ୍ଷଣ କରୁଥିଲେ ଓ ଅସୁରମାନେ କେବଳ ମଦ୍ୟପାନ କରୁଥିଲେ । ମଦ୍ୟପାନ କଲେ ଆସୁରିକ ସ୍ୱଭାବର ବୃଦ୍ଧି ଘଟେ, ବୁଦ୍ଧି ଲୋପପାଏ ଓ ନାନା କୁକାର୍ଯ୍ୟ ପ୍ରତି ମନବଳେ । ଶାସ୍ତ୍ର କହେ – " ବୁଦ୍ଧି ଲୁପତି ଯତ୍-ଦ୍ରବ୍ୟମ୍, ମଦକାରୀ ତଦୁଚ୍ୟତେ" । ଅର୍ଥାତ୍ ଯେଉଁ ଦ୍ରବ୍ୟ ସେବନ କଲେ ବୁଦ୍ଧି ଲୋପପାଏ ତାହା ହିଁ ମଦ ପଦବାଚ୍ୟ । ଭାରତର ଶତକଡ଼ା ୭୦ଭାଗ ଲୋକ ବର୍ତ୍ତମାନ ମଦର ଲେଲିହାନ୍ ଶିଖାଦ୍ୱାରା ଜ୍ୱାଳାକ୍ରାନ୍ତ । ବିଦେଶୀମାନେ ଭାରତ ଛାଡ଼ିଗଲେ କିନ୍ତୁ ଦାନ ସୂତ୍ରରେ ଆମକୁ ଦେଇଗଲେ ଅନେକ ମନ୍ଦ ଅଭ୍ୟାସ, ଯାହା କ୍ରମେ ଭାରତୀୟ ମହାନ ପରମ୍ପରାକୁ ପହଞ୍ଚାଇଛି ଅସୀମିତ କ୍ଷତି । ଆସନ୍ତୁ ଆମ ସୁସଂହତ ପରମ୍ପରାକୁ ଉଜ୍ଜୀବିତ କରିବା । ■

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ସିଦ୍ଧଳ, ଜଗତ୍‌ସିଂହପୁର
ମୋ- ୯୯୩୭୪୫୦୫୫୪୦







# ବଦଳୁଛି ବାହାଘର ପରିଭାଷା

ବିବାହ ଏକ ପବିତ୍ର ବନ୍ଧନ । ବିଭିନ୍ନ ସଂସ୍କୃତିରେ ବିବାହର ପରମ୍ପରା ଓ ରୀତିନୀତି ଭିନ୍ନ ଭିନ୍ନ । ତେବେ ଏବେ ଆଧୁନିକତାର ପ୍ରଭାବରେ ବଦଳି ଗଲାଣି ବିବାହର ପରିଭାଷା । ଯଦିଓ ପରମ୍ପରା ଓ ସଂସ୍କୃତିକୁ ଆଧାର କରି ବିବାହ ଅନୁଷ୍ଠିତ ହେଉଛି, ତଥାପି ପାଶ୍ଚାତ୍ୟ ସଭ୍ୟତା ଓ ଅତ୍ୟାଧୁନିକତା ବିବାହ ପଦ୍ଧତିରେ ପ୍ରବେଶ କରିଛି । ଫଳରେ ବାହାଘରର ସେହି ଚମକ ଓ ପରିବେଶ ଏବେ ନାହିଁ, ଯାହା ୧୦-୧୫ ବର୍ଷ ତଳେ ଥିଲା । ବିଗତ କିଛି ବର୍ଷ ମଧ୍ୟରେ ନିର୍ବନ୍ଧଠାରୁ ଆରମ୍ଭ କରି ବାହାଘର ସାଜସଜ୍ଜା, ଫଟୋସୁଟ୍ ଆଦିରେ ପରିବର୍ତ୍ତନ ଆସିଛି । ଏପରିକି ପାଶ୍ଚାତ୍ୟ ସଂସ୍କୃତିର ହଳଦି, ସଙ୍ଗୀତ, ମେହେନ୍ଦି, ଜୋତାଚୋରି ଭଳି ନୂଆ କାର୍ଯ୍ୟକ୍ରମ ବାହାଘରରେ ଯୋଡ଼ି ହୋଇଛି । ଏପରିକି ନିଜେ ନିଜକୁ ବିବାହ କରିବାର ଅଦ୍ଭୁତ ଧାରା ମଧ୍ୟ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଏଯାବତ୍ ବାହାଘରରେ ଦେଖା ଦେଇଥିବା କେତେକ ଅତ୍ୟାଧୁନିକ ପରିବର୍ତ୍ତନକୁ ନେଇ ଏହି ଉପସ୍ଥାପନା ।





## 'ନିର୍ବନ୍ଧ' ଏବେ ରିଙ୍ଗ୍ ସେରିମନି

ପୂର୍ବରୁ ମନ୍ଦିରରେ ବର-କନ୍ୟାଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମ । କନ୍ୟାକୁ ବରଘର ପକ୍ଷରୁ ମୁଦି ପିନ୍ଧାଯାଇ ନିର୍ବନ୍ଧ ସମ୍ପନ୍ନ ହେଉଥିଲା । ତେବେ ଏବେ 'ନିର୍ବନ୍ଧ' 'ରିଙ୍ଗ୍ ସେରିମନି' ଭାବେ ପରିଚିତ । ହୋଟେଲ ତଥା ମନ୍ଦିରରେ ମଧ୍ୟ ଖୁବ୍ ଜାକଜମକରେ ଏହାକୁ ଆୟୋଜିତ କରାଯାଇଛି । କେବଳ ସେତିକି ନୁହେଁ, ପୁଅ ଝିଅ ପରସ୍ପରକୁ ମୁଦି ପିନ୍ଧାଇବା ସହ କେକ୍ କାଟୁଛନ୍ତି, ନାଚ ଗୀତ ସହ ଫଟୋସୁଟ୍ ହେଉଛି । ସେହିପରି ନିର୍ବନ୍ଧ ବର୍ଷ ପୂର୍ତ୍ତି ଅବସରରେ ନିର୍ବନ୍ଧ ବାର୍ଷିକୀ ଆୟୋଜନ କରାଯାଉଛି ।

## ପୁଅ, ଝିଅଙ୍କ ବ୍ୟାଚେଲର ପାର୍ଟି

ବାହାଘର ଠିକ୍ ହୋଇଗଲେ ଝିଅକୁ କନ୍ୟାଡାକରା ବା ତୋରାଣିପିଆରେ ବନ୍ଧୁବାନ୍ଧବ ତଥା ପଡ଼ୋଶୀ ନିମନ୍ତ୍ରଣ ଦେଉଥିଲେ । ଯଦିଓ ଏବେ ଏହା ସମ୍ପୂର୍ଣ୍ଣ ହଜି ନାହିଁ, ତଥାପି ଏହି ଚଳଣି ବ୍ୟାଚେଲର ପାର୍ଟିରେ ପହଞ୍ଚିଛି । ବିଦେଶରେ ଯେଭଳି ବିବାହ ପୂର୍ବରୁ ବ୍ୟାଚଲର ପାର୍ଟି ଆୟୋଜନ କରାଯାଏ, ଠିକ୍ ଆମର ଏଠାରେ ଉଭୟ ପୁଅ ଓ ଝିଅ ଏହାକୁ ଅନୁକରଣ କରୁଛନ୍ତି । ରେସ୍ତୋରାଁ ତଥା ହୋଟେଲରେ ଉଭୟ ପୁଅ ଓ ଝିଅ ନିଜ ସାଙ୍ଗସାଥୀଙ୍କୁ ବାହାଘର ଖୁସିରେ ବ୍ୟାଚେଲର ପାର୍ଟି ଦେଉଛନ୍ତି ।



## ମେହେନ୍ଦି, ହଳଦି, ସଙ୍ଗୀତ ସମାରୋହ

ବାହାଘର ଦିନକ ପୂର୍ବରୁ କିମ୍ବା ସେହି ଦିନ ମଙ୍ଗନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଥିରେ ବାହା ହେବାକୁ ଯାଉଥିବା ପୁଅ ଓ ଝିଅକୁ ଲୋକମାନେ ହଳଦି ଲଗାଇ ଆଶୀର୍ବାଦ ପ୍ରଦାନ କରନ୍ତି । କିନ୍ତୁ ଏବେ ମଙ୍ଗନ ପୂର୍ବରୁ ସ୍ୱତନ୍ତ୍ର ଭାବେ ହଳଦି, ମେହେନ୍ଦି, ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । କେବଳ ସେତିକି ନୁହେଁ, ହଳଦି ପାଇଁ ହଳଦିଆ ରଙ୍ଗ, ମେହେନ୍ଦି ପାଇଁ ସବୁଜ ରଙ୍ଗ ଥିମ୍‌ରେ ସାଜସଜ୍ଜା କରାଯିବା ସହ କନ୍ୟା, ବର ସମେତ ଏଥିରେ ସାମିଲ ଅତିଥିଙ୍କୁ ସ୍ୱତନ୍ତ୍ର ଭାବେ ହଳଦିଆ, ସବୁଜ ରଙ୍ଗର ଡ୍ରେସ୍ ପିନ୍ଧିବାକୁ କୁହାଯାଉଛି ।



## ପ୍ରି ୱେଡିଂ ଓ ପୋଷ୍ଟ ୱେଡିଂ ଫଟୋସୁଟ୍‌ର ଚଳଣି

ଯେଉଁଠି ବର-କନ୍ୟା ବାହାଘର ପୂର୍ବରୁ ପରସ୍ପରକୁ ଭେଟୁ ନ ଥିଲେ ଏବେ ପ୍ରି ୱେଡିଂ ଫଟୋସୁଟ୍ ନାଁରେ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ବାହାଘର ସ୍ମୃତିକୁ ସ୍ମରଣୀୟ କରିବା ପାଇଁ ସେମାନେ କୌଣସି ଏକ ସୁନ୍ଦର ସ୍ଥାନକୁ ଯାଇ ବିଭିନ୍ନ ଭଙ୍ଗୀରେ ତଥା ଭିନ୍ନ ଭିନ୍ନ ପୋଷାକରେ ଫଟୋ ତଥା ଭିଡିଓ ସୁଟ୍ କରାଉଛନ୍ତି । ସେହିପରି ବାହାଘର ପୂର୍ବରୁ ଫଟୋସୁଟ୍ କି ଭିଡିଓ ସୁଟ୍ କରି ନ ପାରିଥିଲେ, ସେମାନେ ବାହାଘର ପରେ ମଧ୍ୟ ଫଟୋସୁଟ୍ କରାଉଛନ୍ତି । ଯାହାକୁ 'ପୋଷ୍ଟ ୱେଡିଂ ଫଟୋସୁଟ୍' ବୋଲି କୁହାଯାଉଛି ।



## ଡେଷ୍ଟିନେସନ୍ ଆୟୋଜନ

ବିବାହ ଆୟୋଜନ ଏବେ ଘରେ କିମ୍ବା ମନ୍ଦିରରେ ସୀମିତ ନାହିଁ । ଘରଠୁ ଦୂରରେ କୌଣସି ଏକ ସୁନ୍ଦର ସ୍ଥାନରେ ବାହାଘରକୁ ବେଶ୍ ସୁନ୍ଦର ଓ ଆକର୍ଷଣୀୟ ଢ଼ଙ୍ଗରେ ଆୟୋଜନ କରାଯାଉଛି । ଏହାକୁ ଡେଷ୍ଟିନେସନ୍ ୱେଡିଂ କୁହାଯାଉଛି । ଅବଶ୍ୟ ଡେଷ୍ଟିନେସନ୍ ୱେଡିଂର ଚଳଣି କେବଳ ସେଲିବ୍ରିଟିଙ୍କଠାରେ ସୀମିତ ନାହିଁ । ସାଧାରଣ ଲୋକେ ମଧ୍ୟ ଏହି ବିବାହ ପଦ୍ଧତିକୁ ଆପଣାଉଛନ୍ତି ।

## ବଦଳିଲାଣି ବାହାଘର ଫେଶନ

ବାହାଘର ଅର୍ଥ ନାଲି ରଙ୍ଗ । ତେବେ ଏବେ ନାଲି ରଙ୍ଗର ସେତେବେଶି ଗୁରୁତ୍ୱ ନାହିଁ । ଝିଅମାନେ ଏବେ ନାଲି ବଦଳରେ ଗୋଲାପି, କ୍ରିମ୍, ନାରଙ୍ଗୀ ଆଦିର ଶାଢ଼ି ପିନ୍ଧୁଥିବା ବେଳେ ପୁଅ ଧୋତି ଓ ଯୋଡ଼ ପରିବର୍ତ୍ତେ ସେରୱାନି ପିନ୍ଧୁଛନ୍ତି । ଅନ୍ୟପଟେ ଏବେ ରିଙ୍ଗ ସେରିମନି ତଥା ବହାଘରରେ ବର-କନ୍ୟାଙ୍କ ମ୍ୟାଚିଂ ପୋଷାକର ଟ୍ରେଣ୍ଡ ବି ଆରମ୍ଭ ହୋଇଛି । ବର, କନ୍ୟା ଏକାଠି ଛିଡ଼ା ହେଲେ ଯେଭଳି ସୁନ୍ଦର ଦିଶିବେ, ସେଥିପାଇଁ ସେମାନେ ମ୍ୟାଚିଂ ପୋଷାକ ପିନ୍ଧୁଛନ୍ତି । ଅନ୍ୟପଟେ କୁଙ୍କୁମ, ଚନ୍ଦନ, ଅଳତା, ସ୍ନୋ, ପାଉଡର ସଜବାଜ ପାର୍ଲରରେ ପହଞ୍ଚିଛନ୍ତି । କନିଆ ପାର୍ଲର ଯାଇ ପୋଷାକକୁ ମେଳ ଖାଉଥିବା ଗହଣା, ମେକ୍‌ଅପ୍ ନେଇ ନିଜକୁ ସଜ କରୁଛି । ଏହାସହ କନ୍ୟାକୁ ହାତେ ଲମ୍ବର ଓଢ଼ଣି ପକାଇବାକୁ ମଧ୍ୟ ପଡୁ ନାହିଁ । ଅନ୍ୟପଟେ କନ୍ୟାର ବେଶଭୂଷା ଯେଭଳି ଖରାପ ନ ହେବ, ସେଥିପାଇଁ ବଉଳପାଟକୁ କନ୍ୟା କାନ୍ଧରେ କିମ୍ବା ମୁଣ୍ଡରେ ପ୍ରତୀକାତ୍ମକ ଭାବେ ପକାଇ ଝିଅମାନେ ବିବାହ କରୁଛନ୍ତି ।

## ବିବାହର ନୂଆ ଧାରା

ବାହାଘରର ଏହି ନୂଆ ଧାରାକୁ କୁହାଯାଉଛି 'ସୋଲୋଗାମି ।' ଏହାର ଅର୍ଥ ନିଜେ ନିଜକୁ ବାହା ହେବାର ମାନସିକତା । ବିବାହ କରିବାକୁ ଇଚ୍ଛୁକ ନ ଥିଲେ ମହିଳାମାନେ ଆତ୍ମବିବାହର ଧାରାକୁ ଆପଣାଉଛନ୍ତି । ଆମେରିକାର ଜଣେ ମହିଳା ଏହି ଟ୍ରେଣ୍ଡ ଆରମ୍ଭ କରିଥିବା ବେଳେ ୨୦୨୨ରେ ଗୁଜରାଟର ୨୪ ବର୍ଷୀୟା କ୍ଷମା ବିନ୍ଦୁ ନିଜେ ନିଜକୁ ବିବାହ କରି ଭାରତରେ ଏହାକୁ ପରିଚିତ କରାଇଛନ୍ତି । ଅବଶ୍ୟ ଏବେ ଅନେକ ମହିଳା ନିଜେ ନିଜକୁ ବାହା ହେଉଛନ୍ତି । ■



# ଅନୁକରଣ ସଭ୍ୟତା ଓ ସମାଜ ଉପରେ ପ୍ରଭାବ

**ମନୁଷ୍ୟର ଆବଶ୍ୟକତା, ପରିବେଶ ଓ ପରିସ୍ଥିତି ଅନୁସାରେ ବଦଳିଯାଏ ସଭ୍ୟତା ଆଉ ସଂସ୍କୃତି । ଯେତେବେଳେ ପାରମ୍ପରିକ ଚଳଣିରୁ ବ୍ୟତିକ୍ରମ ହୋଇ ମନୁଷ୍ୟ କିଛି ନୂଆ କଥାକୁ ଅନୁସରଣ କରେ, ତାହାକୁ ଆଧୁନିକତା ବୋଲି କୁହାଯାଏ । ଏହି ଆଧୁନିକତା ଯେବେ ପୁରୁଣା ସଂସ୍କୃତିକୁ ପଛରେ ପକାଏ, ତା'କୁ ପାଶ୍ଚାତ୍ୟ ସଭ୍ୟତା ବୋଲି ଦୋଷାରୋପ କରାଯାଏ । ଧୀରେ ଧୀରେ ଏହି ପାଶ୍ଚାତ୍ୟ ସଭ୍ୟତା ଆମ ସଂସ୍କୃତିରେ ଅନୁପ୍ରବେଶ କରିଛି । ଏବର ଯୁବପିଢ଼ି ଏହାକୁ ଅଧିକନ୍ତୁ ଆପଣେଇ ସାରିଲେଣି । ଯେଉଁମାନେ ଆଗାମୀ ଦିନର ଭାଗ୍ୟ ନିର୍ମାତା, ସେମାନେ ଯେଉଁ ପ୍ରକାର ଚଳଣିକୁ ଆପଣାଇବେ, ତାହା ହିଁ ଆଗାମୀ ସମାଜର ନୂଆ ସଭ୍ୟତା ହୋଇଯିବ । ତେଣୁ ଅନୁକରଣ ସଭ୍ୟତା ସମାଜ ଉପରେ କ'ଣ ପ୍ରଭାବ ପକାଉଛି ତାହାକୁ ନେଇ ଏଇ ଆଲେଖ୍ୟ ।**



## ହ୍ରାସ ପାଉଛି ଆଧ୍ୟାତ୍ମିକ ଚେତନା

ବର୍ତ୍ତମାନ ଆଧ୍ୟାତ୍ମିକ ଚେତନା ହ୍ରାସ ପାଉଛି । ତେଣୁ ଯୁବପିଢ଼ି ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ନ ହୋଇ ବସ୍ତୁବାଦୀ ଭୋଗ ବିଳାସରେ ନିଜକୁ ନିୟୋଜିତ କରୁଛନ୍ତି । ଯାହାଫଳରେ ସେମାନେ ବାସ୍ତବିକ କଥା ଜାଣିପାରୁନାହାନ୍ତି । ଖାଇବା, ଶୋଇବା, ସଂସାର କରିବା, ଭୟ କରିବା ଉଭୟ ମନୁଷ୍ୟ ଓ ପ୍ରାଣୀ ସମସ୍ତଙ୍କ ପାଇଁ ସମାନ । କିନ୍ତୁ ଧର୍ମ ସମ୍ବନ୍ଧରେ ଜାଣିବା କେବଳ ମନୁଷ୍ୟର ହିଁ ବିଶେଷତ୍ୱ । ତେଣୁ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କଲେ ବି ସ୍ୱୟଂ ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅନୁସରଣ କରିବା ମୂଳ ଲକ୍ଷ୍ୟ । ■

**ଡକ୍ଟର ନରେଶ ଚନ୍ଦ୍ର ଦାଶ,**
ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ପୁରୀ



## ପାଶ୍ଚାତ୍ୟ ସଂସ୍କୃତିର ପ୍ରବେଶ ସନାତନ ସଂସ୍କୃତିର ବିରୁଦ୍ଧାଚରଣ

ଆଧୁନିକତା ଅନୁକରଣ ନାମରେ ଯାହା ବି ପାଳନ କରୁ ତାହା ଭାରତୀୟ ସଂସ୍କୃତିର ବିରୁଦ୍ଧ ହେଲା ଭଳି ମନେ ହୁଏ । ବାହାଘର, ଯାନିଯାତ୍ରା, ଦଶହରା ମେଢ଼ , ଭସାଣି ସମୟରେ ଯେଉଁଭଳି ନୃତ୍ୟ, ବାଦ୍ୟ ଓ ଅତ୍ୟଧିକ ଶବ୍ଦର ପ୍ରଦୂଷଣ କରାଯାଉଛି, ତାହା ଭାରତୀୟ ପରମ୍ପରା ବିରୁଦ୍ଧରେ ଏକ ତାଚ୍ଛଲ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି କରେ । ଏବେ ପୁଅ ପୁଅକୁ ଓ ଝିଅ ଝିଅକୁ ବିବାହ ଧାରାକୁ ନ୍ୟାୟିକ ପଦ୍ଧତିରେ ଠିକ୍ ବୋଲି ବିବେଚନା ହେଲାଣି । ଲିଭଇନ୍ ରିଲେସନ୍‌ସିପ୍ ଧାରାକୁ ଯୁବପିଢ଼ି ଆଦରି ନେଇଛନ୍ତି । ଜନ୍ମଦିନ କହିଲେ, କେକ୍‌କଟା ଓ ମହମବତି ଲିଭାଇବା । ଏ ଅଭ୍ୟାସକୁ ପିଲାମାନେ ରକ୍ତମଜ୍ଜାଗତ ଅଭ୍ୟାସ ରୂପେ ମାନିନେଇଛନ୍ତି । ବାପା ମା' ବିରୋଧ କଲେ ସେମାନଙ୍କୁ ପିଲାମାନେ ପ୍ରାଚୀନ ବୋଲି କୁହନ୍ତି । ଯଦିଓ ଭାରତୀୟ ପର୍ବପର୍ବାଣିରେ ଘରେ ଘରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୁଏ, କିନ୍ତୁ ଏବେ ଆଧୁନିକତା ନାଁରେ କଲେଜ କିମ୍ବା ଛକ ସ୍ଥାନମାନଙ୍କରେ ମେଢ଼ପାଖରେ ମଦ୍ୟପାନ କରି ନୃତ୍ୟ ପରିବେଷଣ ହେଉଛି । ଏହା କ'ଣ ଆମ ପୂଜା ପଦ୍ଧତିର ଅଂଶ? ଚାନ୍ଦା ନାଁରେ ଟଙ୍କା ଆଦାୟ କରି ସେଥିରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରବେଶ ଆମ ଭାରତୀୟ ସନାତନ ସଂସ୍କୃତିର ବିରୁଦ୍ଧାଚରଣ ନୁହେଁ କି? ■

**ପ୍ରଫେସର ଡ. ସୁବାସ ଚନ୍ଦ୍ର ଦାଶ,**
ଅବସରପ୍ରାପ୍ତ ଆଚାର୍ଯ୍ୟ, ସଂସ୍କୃତ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



## ମଣିଷକୁ ଯୋଉଟା ସୁହାଉଛି, ତାହା ହିଁ ସଂସ୍କୃତି

ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବାରେ କିଛି ମନ୍ଦ ନାହିଁ । ବରଂ ସମୟ ସହିତ ଆମର ଚଳଣି ବଦଳୁଛି, ଏବଂ ଆମେ ନୂତନ ସଂସ୍କୃତି ସୃଷ୍ଟି କରୁଛେ । କହିବାକୁ ଗଲେ, ମଣିଷକୁ ଯୋଉଟା ସୁହାହୁଛି ସେଇଟା ହିଁ ସଂସ୍କୃତି, ସେ ସ୍ୱଦେଶୀ ହେଉ ଅବା ପାଶ୍ଚାତ୍ୟ । ଅବଶ୍ୟ ବର୍ତ୍ତମାନ ଅନାବଶ୍ୟକ ଭାବେ ସଂସ୍କୃତିର ରାଜନୀତିକରଣ ସ୍ୱରୂପ, ଆମେ ଏହାକୁ ସ୍ୱଦେଶୀ ଏବଂ ପାଶ୍ଚାତ୍ୟ ଭାବେ କହୁଛେ । ■

**ଡ.ପୀୟୂଷ ରଞ୍ଜନ ରାଉତ,**
ସହରାଞ୍ଚଳ ଯୋଜନା ବିଶେଷଜ୍ଞ



## ଆଧୁନିକତାର ଦ୍ୱାହି ଦେଇ ଗର୍ବ କରୁଛନ୍ତି

ପାଶ୍ଚାତ୍ୟ ଦେଶର ରୀତିନୀତିକୁ ଆଜିର ଯୁବପିଢ଼ି ଅନ୍ଧଭାବେ ଅନୁକରଣ କରୁଛନ୍ତି । ବିଦେଶୀଭାଷାକୁ କହି ଓ ଲେଖି ଉଚ୍ଚଶିକ୍ଷିତ ଭାବେ ନିଜକୁ ଦର୍ଶାଇବା ଦ୍ୱାରା ମାତୃଭାଷା ମାତୃଭୂମି ପ୍ରତି ମମତା କମିବାରେ ଲାଗିଛି । ଭାରତୀୟ ବେଶ ପୋଷାକ ଓ ଶରୀର ଚର୍ଚ୍ଚାକୁ ଭୁଲି ପୁଅମାନେ ନିଗ୍ରୋମାନଙ୍କ ଭଳି ବିକୃତ ଭାବେ କେଶ କାଟି ନିଜକୁ ସଭ୍ୟ ବୋଲି ପରିଚିତ କରାଉଛନ୍ତି । ଉଭୟ ପୁଅଝିଅ ଜିନ୍ସପେଣ୍ଟସାର୍ଟକୁ ଚିରାଫଟା କରି ପିନ୍ଧୁଛନ୍ତି । ଆଧୁନିକତାର ଦ୍ୱାହି ଦେଇ ଅର୍ଦ୍ଧ ଲଗ୍ନ ପୋଷାକ ପରିଧାନ କରି ଆଧୁନିକ ବୋଲି ନିଜକୁ ଗର୍ବ କରୁଛନ୍ତି ।

ଜନ୍ମଦିନରେ ଷଠୀପୂଜା, ପିଠାପଣା ଭୋଗ କି ସତ୍ୟନାରାୟଣ ପୂଜା ନାହିଁ । କେକ୍‌କଟା, ବେଲୁନ୍‌ଫୁଟା ଓ ମହମବତି ଲିଭା ମୁଖ୍ୟ ଭୂମିକା ନେଇଛି । ବାଏ ବାଏ, ଟାଟା, ହ୍ୟାଣ୍ଡସେକ୍‌କୁ ପରସ୍ପର ମଧ୍ୟରେ ସମ୍ମାନ ଦେବା ଦ୍ୱାରା ଗୁରୁଜନଙ୍କୁ କିମ୍ବା ଦେବାଳୟରେ ଭୂମିଷ୍ଠ ପ୍ରଣାମ ପିଲାମାନେ ଭୁଲିଗଲେଣି । ଭାରତୀୟ ଶିକ୍ଷା ସଂସ୍କୃତି ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଛାଡ଼ପତ୍ର, ବୃଦ୍ଧ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା ସଂଖ୍ୟା ବଢ଼ି ବଢ଼ି ଯାଉଛି । ଭାରତୀୟ ସଂସ୍କୃତି ଆଗେ ବିଦେଶୀ ଶିକ୍ଷା ସଂସ୍କୃତି ରୀତିନୀତି ଅଧିକ ପ୍ରଚଳିତ ନ ହେଉ । ■

**ଡକ୍ଟର ତ୍ରିନାଥ ପଟ୍ଟନାୟକ,**
ନିଆଳି, କଟକ



## ନିଜ ସଂସ୍କୃତିକୁ ଭୁଲିବା ପାପ

କେତେକାଂଶ ଦେଶୀୟ ଲୋକଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବା ଅର୍ଥ ହିଁ ଆଧୁନିକତା । ଏହା ଆଧୁନିକତା ନୁହେଁ ଏହା ଭାଣ୍ଡାମି । ପାଶ୍ଚାତ୍ୟ ଲୋକମାନେ ଭାରତୀୟ ସଂସ୍କୃତିକୁ ଆପଣଉଥିବା ବେଳେ ଆମେ ଧୀରେ ଧୀରେ ଭାରତୀୟ ସଂସ୍କୃତିଠାରୁ ଦୂରେଇ ଯିବାର ଦେଖିବାକୁ ମିଳୁଛି । ଦରକାର ସ୍ଥାନରେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବା ଭୁଲ୍ ନୁହେଁ । କିନ୍ତୁ ବିନା କାରଣରେ ନିଜ ସଂସ୍କୃତିକୁ ପାସୋରି ଦେବା ପାପ । ନିଜ ଦେଶର ସଂସ୍କୃତିକୁ ପାଶ୍ଚାତ୍ୟ ସଭ୍ୟତାରେ ପଚାର ଓ ପ୍ରସାର କରିପାରିଲେ ହିଁ ଉଭୟ ମଧ୍ୟରେ ଫରକ୍ ବୁଝିହେବ । ■

**ଅନ୍ନପୂର୍ଣ୍ଣା ଦାସ ,**
ଅଧ୍ୟାପିକା, ସୁରଜ ମଲ ସାହା ମହାବିଦ୍ୟାଳୟ, ପୁରୀ



## ଯୌଥପରିବାରର ଗୁରୁତ୍ୱ ରହୁନି

ସାମାଜିକ ଜୀବନର ପରମ୍ପରା, ଆଦର୍ଶ ଓ ରୀତିନୀତିକୁ ଆମେ ସଂସ୍କୃତି କହିଥାଉ । ଯେଉଁ ଜାତିର ଆଦର୍ଶ ଚିନ୍ତାଧାରା ଜ୍ଞାନ, ସୃଜନଶକ୍ତି ଓ ଆତ୍ମବିଶ୍ୱାସ ଯେତେ ବିସ୍ତୃତ, ସେ ଜାତିର ସଂସ୍କୃତି ସେତେ ଉନ୍ନତ । ଏଣୁ ସଂସ୍କୃତର ମୂଳଅର୍ଥ ସାଧାରଣତଃ ମାନବ ସମାଜର ମାର୍ଜିତ ରୁଚି ଏବଂ ଉନ୍ନତ କୃତିକୁ ହିଁ ବୁଝାଇଥାଏ । କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ଫଳରେ ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ସେମାନଙ୍କର ଖାଦ୍ୟ-ପେୟ, ଜୀବନଶୈଳୀ, ଭାଷା ଏବଂ ପର୍ବପର୍ବାଣିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ପବିତ୍ର ହୋଲି, ଦୀପାବଳି ପାଳନ ନକରି ଭ୍ୟାଲେଣ୍ଟାଇନ୍ସ ସପ୍ତାହ ପାଳୁଛନ୍ତି । କେଏଫ୍‌ସି ଏବଂ ମ୍ୟାକ୍ ଡୋନାଲ୍ଡସ୍ ପରି ରେସ୍ତୋରାଁରୁ ପିଜା ଏବଂ ବର୍ଗର ପରି ଖାଦ୍ୟପେୟ କରି ନିଜ ଶରୀରକୁ ରୋଗଗ୍ରସ୍ତ କରିଛି । ଏହାଦ୍ୱାରା ଯୁବପିଢ଼ି ସମ୍ପୂର୍ଣ୍ଣ ଭାବେ ବିପଥଗାମୀ । ସାମାଜିକ ମୂଲ୍ୟବୋଧ, ଯୌଥ ପରିବାରର ଗୁରୁତ୍ୱ ଏବଂ ଗୁରୁଜନଙ୍କ ଆବଶ୍ୟକତାକୁ ବୁଝିପାରୁ ନାହାନ୍ତି । ■

**ଦେବବ୍ରତ ମାହନ୍ତ ,**
ସାମାଜିକ କର୍ମୀ, ରାଜକନିକା , କେନ୍ଦ୍ରାପଡା



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ସାଂସଦ ବସନ୍ତଙ୍କ ଭୋଟ ଡ୍ରାମା

ଗେରୁଆ ନେତା କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଏକ ସମୟରେ ଥିଲେ ରାଜ୍ୟ ପଦ୍ମ ଆଖଡ଼ାର ମୁଖ୍ୟ କୁସ୍ତିଆଳ। ବାହା ପିଟି ଘଡ଼ଘଡ଼ି ପରି ଭାଷଣ ଦେବାରେ ତାଙ୍କ ସମତୁଲ ନେତା କଳାହାଣ୍ଡିରେ ଖୁବ୍ କମ୍ ଦେଖିବାକୁ ମିଳନ୍ତି। ଦୀର୍ଘକାଳ ଦିଲ୍ଲୀରେ ଆମ୍ ନିର୍ବାସନ ବିତାଉଥିବା ବସନ୍ତଙ୍କର ଆକସ୍ମିକ କଳାହାଣ୍ଡି ଆବିର୍ଭାବ କୁଆଡ଼େ ସେଠି ପହିଲି ଶୀତକୁ ହଜାଇ ଦେଇଛି। ନିର୍ବାଚନ ପୂର୍ବରୁ ନିଜ ଅଞ୍ଚଳରେ ରାସ୍ତାରେ ବସନ୍ତ 'ଲୋକ'ନାଟକ କରୁଛନ୍ତି ତାହାକୁ ଦେଖି ଲୋକ ହସିହସି ଗଡ଼ି ଯାଉଛନ୍ତି। ସାଢ଼େ ଚାରି ବର୍ଷ ତଳେ ପଦ୍ମ ଦଳିଆ ନେତାଙ୍କ ଭୋଜବାଜୀରେ ଆକୃଷ୍ଟ ହୋଇ ସରଳିଆ କଳାହାଣ୍ଡିର ଲୋକମାନେ ନିଜ ଦୁଃଖ କେନ୍ଦ୍ର ନିକଟରେ ବଖାଣିବାକୁ ବସନ୍ତଙ୍କୁ ଦିଲ୍ଲୀ ପଠାଇଲେ। ମାତ୍ର ଦିଲ୍ଲୀରେ ସାଢ଼େ ଚାରି ବର୍ଷ ଭିତରେ ବସନ୍ତ କ'ଣ କଲେ ତାହାର ଖବର କାହାରି ନିକଟରେ ନାହିଁ। ଆଉ ଏବେ ଆଗକୁ ଭୋଟ ଆସୁଥିବାରୁ ଦିଲ୍ଲୀ ଫେରନ୍ତା ପଣ୍ଡା ଆରମ୍ଭ କରିଛନ୍ତି ନୂଆ ନାଟକ। ଦଳବଳ ସହ ବିଭିନ୍ନ କାର୍ଯ୍ୟାଳୟରେ ପହଞ୍ଚି ବସନ୍ତ ଅଫିସରମାନଙ୍କ ସହ ଯେପରି ଆଚରଣ କରୁଛନ୍ତି, ସମ୍ଭବତଃ ତାଙ୍କ ଦଳର ଶୀର୍ଷ ନେତାମାନେ ବି ସେପରି କେବେ ଡ୍ରାମା କରିଥିବା ଦେଖାଯାଇ ନ ଥିବ। ବରଗଡ଼ ଧନୁଯାତ୍ରାରେ କଂସ ସରକାରୀ ଅଧିକାରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିବା ପରି ବିଡ଼ିଓଙ୍କଠାରୁ ଆରମ୍ଭ କରି ଥାନାବାବୁଙ୍କୁ ଡ଼ାକି ରାସ୍ତା ଉପରେ ବସନ୍ତ ଯାତ୍ରା କରୁଛନ୍ତି କେହିକେହି କହିବା ଆରମ୍ଭ କରିଛନ୍ତି। ନାଟକ ପଛରେ ଟିକେଟ ହରାଇବାର ଭୟ ଏବଂ ଜିଲ୍ଲା ସଭାପତି ଦାୟିତ୍ୱ ନେଇଥିବା ଆର୍ତ୍ତତ୍ରାଣଙ୍କ ସମର୍ଥନ ଭିନ୍ନ ଆଉ କିଛି କାରଣ ଅଛି କି ନାହିଁ, ସେ କଥା କେବଳ ବସନ୍ତ ଜାଣନ୍ତି। ■



## ବିରୋଧୀଙ୍କ ମୁଖା ଖୋଲିଲେ ମାର୍ଣ୍ଡି

ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଆଦିବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଆଗଭର କତିପୟ ବିରୋଧୀଙ୍କ ମୁଖା ଖୋଲିଛନ୍ତି ମୟୂରଭଞ୍ଜିଆ ଫାୟାରବ୍ରାଣ୍ଡ ନେତା ସୁଦାମ ମାର୍ଣ୍ଡି। ରେକର୍ଡ଼ ଗାଉଣା ଗାଇ ନାଚୁଥିବା ବିରୋଧୀଙ୍କୁ ମାର୍ଣ୍ଡି ଯେପରି ଜବାବ ଦେଇଛନ୍ତି ସେଥିରେ ନିଜକୁ ଆଦିବାସୀଙ୍କ ତ୍ରାଣକର୍ତ୍ତା ଭାବୁଥିବା ତଥାକଥିତ ବିରୋଧୀଙ୍କ ମୁହଁ ବନ୍ଦ। ଓଡ଼ିଶାରେ ଆଦିବାସୀଙ୍କ ପାଇଁ ଶଙ୍ଖପତିଙ୍କ ନେତୃତ୍ୱାଧୀନ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମ ଓ ଯୋଜନାର ଲମ୍ବା ସୂଚୀ ସହ ଦିଲ୍ଲୀରେ ବିଭିନ୍ନ ସମୟରେ କ୍ଷମତାସୀନ ପଦ୍ମଦଳିଆ ଓ ହାତ ଦଳିଆ ରାଜ୍ୟର ଆଦିବାସୀଙ୍କୁ କରିଥିବା ହୀନିମାନକୁ ବଖାଣି ଢ଼େଲାର ଜବାବ ପଥରରେ ଦେଇଛନ୍ତି ସୁଦାମ। ଟିଏସିରେ ରାଜ୍ୟର ସବୁ ରାଜନୈତିକ ଦଳର ପ୍ରତିନିଧି ଥିଲେ। ନିଜ ଅସୁବିଧା ସମୟରେ ଆଦିବାସୀମାନେ ସମ୍ପତ୍ତି ହସ୍ତାନ୍ତରରେ ଭୋଗୁଥିବା ସମସ୍ୟାକୁ ଉପଲବ୍ଧି କରି ଟିଏସି ରାଜ୍ୟ ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କଲେ। ଟିଏସିର ସୁପାରିସ ଆଧାରରେ ରାଜସ୍ୱ ବିଭାଗ କ୍ୟାବିନେଟରେ ପ୍ରସ୍ତାବ ଆଗତ କଲା। ମାତ୍ର ଏହା ପରେ ବିରୋଧୀମାନେ ଆରମ୍ଭ କଲେ ଥେଇଥେଇ ନାଚ। ଯାହାକୁ କଡ଼ା ଭାଷାରେ ସମାଲୋଚନା ସହ ସୁଦାମ ବିରୋଧୀଙ୍କୁ ଦେଇଛନ୍ତି ଟାଣୁଆ ଜବାବ। କେନ୍ଦୁପତ୍ରରୁ ଟିକସ ହ୍ରାସ, ୧୬୦ରୁ ଊର୍ଦ୍ଧ୍ୱ ବର୍ଗଙ୍କୁ ଆଦିବାସୀ ମାନ୍ୟତା, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଆଦିବାସୀ ଭାଷା ସାମିଲ ଆଦି ପ୍ରସଙ୍ଗ ଉଠାଇ ନୃତ୍ୟ କରୁଥିବା ବିରୋଧୀଙ୍କ ତୁଣ୍ଡରେ ସୁଦାମ ମାରିଛନ୍ତି ଅଛଡ଼ା ଅଠା। ■



## ଇରାନୀଙ୍କ ରାସ୍ତାରେ ସମ୍ବିତ କଣ୍ଟା

ପଦ୍ମ ଦଳିଆ ରାଷ୍ଟ୍ରୀୟ କୁହାଳିଆ ନେତା ସମ୍ବିତଙ୍କ ସୁଖ୍ୟାତି ଓ କୁଖ୍ୟାତି ଏବେ ପୁରୀ ଡ଼େଇଁ କୁଆଡ଼େ ନୟାଗଡ଼ରେ। ଟିକେଟ ଆଶାୟୀ ଦୁଇ ନେତ୍ରୀଙ୍କ ମଧ୍ୟରୁ ଜଣ ପ୍ରତି ନିଜର ସମର୍ଥନ ଓ ସହଯୋଗ ଜାରି ରଖି ସମ୍ବିତ ଖାଲି କର୍ମୀଙ୍କ ରୋଷର ଶିକାର ହୋଇ ନାହାନ୍ତି; ପକ୍ଷାନ୍ତରେ ଇରାନୀ ଗୋଷ୍ଠୀର ଅଣ୍ଡା ଆକ୍ରମଣର ସମ୍ମୁଖୀନ ହୋଇଥିବା ମଧ୍ୟ ଦଳ ମଧ୍ୟରେ ଚର୍ଚ୍ଚା ହେଉଛି। ରାଣୀଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ସମ୍ବିତଙ୍କ ଗସ୍ତକାଳରେ ତାଙ୍କୁ ଯେପରି ଅଣ୍ଡାରେ ସ୍ୱାଗତ କରାଗଲା, ସେହି ଘଟଣାକୁ ଅନେକ ସମ୍ଭବତଃ ଭୂଲି ନ ଥିବେ। ଶୁଣିବା କଥା ହେଉଛି ରାଜ୍ୟର ଅନ୍ୟ ଅଞ୍ଚଳ ପରି ନୟାଗଡ଼ ପଦ୍ମ ଦଳରେ ଗୋଷ୍ଠୀ ବିବାଦ ଅତି ତୀବ୍ର। ଆଗାମୀ ନିର୍ବାଚନରେ ଦଳ ଟିକେଟ ଆଶାୟୀ ଇରାନୀ ଓ ରାଣୀଙ୍କ ମଧ୍ୟରେ ବିବାଦ ବି ବେଶ୍ ପୁରୁଣା। ଜଣକ ଛାଇ ପଡ଼ିଲେ ଆର ଜଣକ ନାହି ଡ଼େଉଁଛି। ଦଳୀୟ କାର୍ଯ୍ୟକ୍ରମରେ କେହି କାହାରି ମୁହଁ ବି ଦେଖିବାକୁ ଚାହୁଁ ନାହାନ୍ତି। ଏପରି ସ୍ଥିତିରେ ବିବାଦରୁ ଦୂରେଇ ରହିବା ପରିବର୍ତ୍ତେ ଇରାନୀ ଗୋଷ୍ଠୀର ପ୍ରଭାବ ହ୍ରାସ ପାଇଁ ସମ୍ବିତ କୁଆଡ଼େ ଭିତରେ ଭିତରେ ରାଣୀ ଗୋଷ୍ଠୀକୁ ନିଜର ସମର୍ଥନ ଓ ସହଯୋଗରେ କୌଣସି କାର୍ପଣ୍ୟ କରୁନାହାନ୍ତି। ଏପରିକି ଆଗାମୀ ନିର୍ବାଚନରେ ଟିକେଟ ପ୍ରଦାନ କରିବାରେ ସମ୍ବିତ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରାଣୀଙ୍କ ନିଘନ ଅନୁଗତମାନେ ଦଶପଲ୍ଲାଠୁ ଆରମ୍ଭ କରି ନୟାଗଡ଼ ପର୍ଯ୍ୟନ୍ତ ଚର୍ଚ୍ଚା କରୁଛନ୍ତି। ମାତ୍ର ରାଣୀଙ୍କ ପ୍ରତି ସମ୍ବିତଙ୍କର ଏପରି ଶ୍ରଦ୍ଧା ଓ ଇରାନୀଙ୍କ ପ୍ରତି ଅସୂୟା ପଛରେ କି ରହସ୍ୟ ରହିଛି ତାହା ନୟାଗଡ଼ର ପଦ୍ମ ଦଳିଆ ନେତାମାନେ ବୁଝିପାରୁ ନାହାନ୍ତି। ■



## ଯେମନ୍ତ ବୃକ୍ଷ; ସେମନ୍ତ ବିହନ

ରାଜ୍ୟ ପଦ୍ମ ଆଖଡ଼ାର ଅସହାୟ ଓ ଅନୁଗୃହୀତ ସୂଚୀ ଶୀର୍ଷ ନେତା ସାନ ହରିଚନ୍ଦନ ଏବେ ବଡ଼ ଶଙ୍କାଗ୍ରସ୍ତ। ସଙ୍ଗଠନରେ ନା ଅଛି ତାଙ୍କର ଗୁରୁତ୍ୱ, ନା ଦଳରେ ଅଛି ପରିଚୟ। ଅଞ୍ଚଳରେ ନିଜ ସଙ୍ଗଠନ କଥା କହିଲେ ତ ଲୋକ ମୁହଁରେ ଗାମୁଛା ଦେଇ ହସୁଛନ୍ତି। ଆଖଡ଼ାର ପୂର୍ବ କୁସ୍ତିଆଳ ସମୀରଙ୍କ ସମୟରେ ଗୋଟାଏ ପଦବୀ ମିଳିଥିଲା ଯେ ଧୋଇ ଶୁଖେଇ ଢ଼େର ଦିନ ତାକୁ ନେଇ ଚାଲିଥିଲେ, ବୁମ୍ ଆଗରେ ଅହରହ ପାରସ୍ୟ ରଜନୀ କାହାଣୀ ଗପୁଥିଲେ। ମାତ୍ର ସମୀର ଅପସାରଣ ପରେ ବାବୁ ଏବେ ଆଖଡ଼ାରୁ ଏକପ୍ରକାର ନିର୍ବାସିତ। ଗୋଟିଏ ବି ନିର୍ବାଚନରେ ବିଜୟୀ ହୋଇ ନ ଥିବା ଅପବାଦ ତାଙ୍କୁ ଦିନରାତି ଭୂତ ହୋଇ ଗୋଡ଼ାଉଛି। ଯେଉଁଥିପାଇଁ ନିଜ ରାଜନୈତିକ ଭବିଷ୍ୟତକୁ ନେଇ ସିଏ ବଡ଼ ଦ୍ୱନ୍ଦ୍ୱରେ। ବିଧାନସଭା କି ଜିଲ୍ଲା ପରିଷଦ ବିଜୟ ତ ଦୂରର କଥା, ସାଧାରଣ ପୌର ନିର୍ବାଚନରେ ପରାଜିତ ହେବାର କଳଙ୍କିତ ରେକର୍ଡ଼ର ଅଧିକାରୀ ପୁଅଟି ପାଇଁ 'ବାପା' ବଡ଼ ହରିଚନ୍ଦନ ବର୍ତ୍ତମାନ ଶେଷ ଭରସା। ପଦମର୍ଯ୍ୟାଦା ପଛେ ଚୂଲିକୁ ଯାଉ, ବାପାଙ୍କୁ ନିଜ ରାଜନୈତିକ ସ୍ୱାର୍ଥ ରଥର ସାରଥୀ କରିବାକୁ ସାନ ହରିଚନ୍ଦନ ପୁରା ଦମ୍ ଲଗାଇ ଦେଇଛନ୍ତି। ଆଉ ପୁତ୍ର ଶ୍ରଦ୍ଧା ଯୋଗୁଁ ବାପାଙ୍କ ତୁଣ୍ଡ ବେଳେବେଳେ କୁଆଡ଼େ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି ବୋଲି ଶଙ୍ଖୁଆ ସସ୍ମିତ ଡାକ୍ତର ଆଣିଛନ୍ତି ସଂଗୀନ ଅଭିଯୋଗ। ଅତୀତରେ ବିଭିନ୍ନ ସମୟରେ ନିଜ କୁଳାଙ୍ଗାର ପୁଅ ବା ପୁଅମାନଙ୍କ ପାଇଁ ଅନେକ ବାପା ନିନ୍ଦିତ ହେବା ସହ ଆର୍ଥିକ ଓ ବୌଦ୍ଧିକ ଦୃଷ୍ଟିରୁ ଦେବାଳିଆ ମଧ୍ୟ ହେବାର ଉଦାହରଣ ଅନେକ ରହିଛି। ସେହିପରି ନୀତି-ନିୟମ ଭୂଲି ପୁଅକୁ ରାଜଗାଦିରେ ବସାଇବାର ଅଭିଳାଷ ପାଇଁ ଧୃତରାଷ୍ଟ୍ରଙ୍କୁ କେତେ ମୂଲ୍ୟ ଦେବାକୁ ପଡ଼ିଥିଲା; ସେ କଥା ବାପା ସମ୍ଭବତଃ ଭୂଲି ଯାଇଛନ୍ତି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।